# ଭାଜପାରୁ ଏମ୍‌ପି ପ୍ରାର୍ଥୀ ହୋଇପାରନ୍ତି ବିଭୁ

■ଏମ୍‌ପି ଟିକେଟ ଝୁଲାଇ ରଖିଛି ଭାଜପା
■ବାଲିକୁଦା-ଏରସମା ଆସନରେ କଂଗ୍ରେସ ପ୍ରାର୍ଥୀ ଘୋଷଣାରେ ବିଳମ୍ବ

ଜଗତ୍‌ସିଂହପୁର ଅଫିସ, ୩।୪

ଗତ ୨ ତାରିଖରୁ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଛି। ଏହା ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। କିନ୍ତୁ ଏଯାଏ ଭାଜପା ଜଗତ୍‌ସିଂହପୁର ଏମ୍‌ପି ସିଟ୍‌ରୁ କାହାକୁ ପ୍ରାର୍ଥୀ କରିବ ସ୍ଥିର କରିପାରିନାହିଁ। ଏଭଳି ସ୍ଥିତିରେ ବରିଷ୍ଠ କଂଗ୍ରେସ ନେତା ତଥା ତିର୍ତ୍ତୋଲରୁ ବିଧାୟକ ପ୍ରାର୍ଥୀ ହୋଇଥିବା ବିଭୁପ୍ରସାଦ ତରାଇ ବୁଧବାର ସନ୍ଧ୍ୟାରେ ଦଳରୁ ଇସ୍ତଫା ଦେଇଛନ୍ତି। ଖୁବ୍‌ଶୀଘ୍ର ସେ ଭାଜପାରେ ମିଶି ଏମ୍‌ପି ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସେହିପରି ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହିଁ। ଏହି ଦୁଇ ଆସନକୁ ନେଇ ଏବେ ରାଜନୀତି ସରଗରମ ହେବାରେ ଲାଗିଛି।

ପ୍ରକାଶ ଯେ, ପୂର୍ବରୁ ଭାଜପା ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କୁ ପ୍ରାର୍ଥୀ କରିବାକୁ ଚାହୁଁଥିବା ଆଲୋଚନା ହେଉଥିଲା। ସେହିପରି ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଦଳୀୟ ପ୍ରାର୍ଥୀ ହେବାକୁ ଆଶାୟୀ ଥିବା କୁହାଯାଉଥିଲା। ଏହି ଦୁଇ ଜଣଙ୍କ ମଧ୍ୟରେ ବୁଝାମଣା ରକ୍ଷା କରିବାକୁ ଦଳ ଚେଷ୍ଟା କରୁଥିବାବେଳେ କଂଗ୍ରେସରୁ ବିଭୁଙ୍କ ଇସ୍ତଫା ନୂଆ ସମୀକରଣ ସୃଷ୍ଟି କରିଛି। ସେ ଖୁବ୍‌ଶୀଘ୍ର ଭାଜପାରେ ମିଶି ଏମ୍‌ପି ଟିକେଟ ନେଇପାରନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଚଳିତ ନିର୍ବାଚନରେ ବାଲିକୁଦା-ଏରସମା ଆସନଟି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କାରଣ ଏହି ଆସନରେ ବରିଷ୍ଠ ନେତା ଦାମୋଦର ରାଉତ ଭାଜପା ପ୍ରାର୍ଥୀ ହୋଇଛନ୍ତି। ଯେହେତୁ ବିଜେଡି ବିରୋଧରେ ସେ ସର୍ବାଧିକ ବିଷୋଦଗାର କରି ଚାଲିଛନ୍ତି, ତେଣୁ ତାଙ୍କୁ ହରାଇବା ପାଇଁ ବିଜେଡି ସମସ୍ତ ପ୍ରକାର କୌଶଳ ଚଳାଇଛି। ବାଲିକୁଦା-ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ ମୁଦୁଲିଙ୍କୁ ବହୁ ବିଚାରବିମର୍ଷ ପରେ ଜଗତ୍‌ସିଂହପୁରରୁ ପ୍ରାର୍ଥୀ କରାଯାଇଛି। ପ୍ରଶାନ୍ତ କିଛି ମାସ ତଳେ ଦାମଙ୍କୁ ବିଜେଡିରୁ ବହିଷ୍କାର କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ତାଙ୍କ ବିରୋଧରେ ସେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଆଗରେ ଫେରାଦ ହୋଇଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଦାମଙ୍କୁ ବହିଷ୍କାର କରାଯାଇଥିଲା। ଏହା ପରେ ଜିଲା ରାଜନୀତିରେ ପ୍ରଶାନ୍ତଙ୍କ କ୍ଷମତା ବୃଦ୍ଧି ପାଇଥିଲା। ଏପରି କି ସେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ହୋଇଛନ୍ତି। କିନ୍ତୁ ଦାମ ହିଁ ତାଙ୍କ ସମସ୍ୟାର କାରଣ ହେଲେ। କୁହାଯାଉଛି ବିଜେଡି ପକ୍ଷରୁ କରାଯାଇଥିବା ଏକାଧିକ ସର୍ଭେରୁ ଜଣାଯାଇଥିଲା ଯେ ନିର୍ବାଚନମଣ୍ଡଳୀରେ ପ୍ରଶାନ୍ତଙ୍କ ସ୍ଥିତି ଭଲ ନାହିଁ। ସେ ଦୃଷ୍ଟିରୁ ଭାଜପା ନେତା ରଘୁନନ୍ଦନ ଦାସଙ୍କୁ ବିଜେଡିରେ ସାମିଲ କରାଯିବା ସହ ତାଙ୍କୁ ପ୍ରାର୍ଥୀ କରାଯାଇଛି। ରଘୁନନ୍ଦନ ପ୍ରାର୍ଥୀ ହେବା ପରେ ଏବେ କଂଗ୍ରେସର କିଏ ପ୍ରାର୍ଥୀ ହେବ ତାହା ଉପରେ ସମସ୍ତଙ୍କ ନଜର। ବିଗତ ନିର୍ବାଚନଗୁଡିକୁ ଅନୁଶୀଳନ କଲେ ଜଣାଯାଏ ଏଠାରେ କଂଗ୍ରେସର ସ୍ଥିତି ଭଲ। କିନ୍ତୁ ଦଳରେ ୨ ଗୋଷ୍ଠୀ ଅଛନ୍ତି। ସେମାନେ ହେଲେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ସାରଦା ଜେନା। ଏହି ଗୋଷ୍ଠୀ ବିବାଦ ଯୋଗୁ ବିଜେଡି ଫାଇଦାରେ ରହି ଆସିଛି। ଏଥର ଦଳ ଉଭୟ ନେତାଙ୍କ ମଧ୍ୟରେ ବୁଝାମଣା କରି ପ୍ରାର୍ଥୀ ଘୋଷଣା କରିବ ବୋଲି କୁହାଯାଉଥିଲା। କିନ୍ତୁ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବାରୁ ଏଯାଏ ବୁଝାମଣା ହୋଇପାରି ନ ଥିବା ଚର୍ଚ୍ଚା ହେଉଛି।

# 'କଂଗ୍ରେସରେ ଅପରାଧୀଙ୍କୁ ଦିଆଯାଉଛି ପ୍ରୋତ୍ସାହନ'

■ଏମ୍‌ପି ଟିକେଟ ନ ମିଳିବାରୁ ଅସନ୍ତୁଷ୍ଟ ଥିଲେ
■ତିର୍ତ୍ତୋଲରେ ନୂଆ ପ୍ରାର୍ଥୀ ଦେବ କଂଗ୍ରେସ

ଜଗତ୍‌ସିଂହପୁର ଅଫିସ, ୩।୪

ଚଳିତ ନିର୍ବାଚନରେ ତିର୍ତ୍ତୋଲରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇଥିବା ବରିଷ୍ଠ ନେତା ବିଭୁ ପ୍ରସାଦ ତରାଇ ବୁଧବାର ହଠାତ୍ ଦଳରୁ ଇସ୍ତଫା ଦେବା ପରେ ରାଜନୈତିକ ବିଚାର ବିମର୍ଷ ଆରମ୍ଭ ହୋଇଯାଇଛି। ସେ ଭାଜପାରେ ମିଶି ଜଗତ୍‌ସିଂହପୁର ଏମ୍‌ପି ସିଟ୍ ପାଇଁ ପ୍ରାର୍ଥୀ ହୋଇପାରନ୍ତି ବୋଲି କୁହାଯାଉଛି। ତେବେ ଏ ସମ୍ପର୍କରେ ତରାଇ କୌଣସି ସ୍ପଷ୍ଟ ମତ ଦେଇନାହାନ୍ତି। ସେ କହିଛନ୍ତି ଯେ, ଟିକେଟ୍ ବଣ୍ଟନକୁ ନେଇ ଅସନ୍ତୁଷ୍ଟ ଥିଲେ। ବିଜେଡି ଓ କଂଗ୍ରେସ ଭିତରେ ବୁଝାମଣା ହୋଇଛି। ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ କଂଗ୍ରେସରେ ଏବେ ଅପରାଧୀଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ତେଣୁ ସେ ଇସ୍ତଫା ଦେଇଛନ୍ତି। ଏଭଳି କହି ତରାଇ ପରୋକ୍ଷରେ ପାରାଦୀପରୁ ପ୍ରାର୍ଥୀ ହୋଇଥିବା ବାପି ସର୍ଖେଲଙ୍କ ଆଡକୁ ଅଙ୍ଗୁଳି ଉଠାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ତରାଇ କଂଗ୍ରେସରୁ ଜଗତ୍‌ସିଂହପୁର ଏମ୍‌ପି ସିଟ୍‌ରେ ପ୍ରାର୍ଥୀ ହେବା ପାଇଁ ଚାହୁଁଥିଲେ। କିନ୍ତୁ ଦଳ ତାଙ୍କୁ ତିର୍ତ୍ତୋଲ ବିଧାନସଭା ଆସନରୁ ପ୍ରାର୍ଥୀ କରିବାରୁ ସେ ଅସନ୍ତୁଷ୍ଟ ଥିଲେ। ଏଥିପାଇଁ ପ୍ରାର୍ଥୀ ଘୋଷଣାର ୧ ସପ୍ତାହ ପରେ ମଧ୍ୟ ସେ ଟିକେଟ ଗ୍ରହଣ କରୁ ନ ଥିଲେ। ଏପରି କି ଦଳ ତାଙ୍କ ଦାବି ଗ୍ରହଣ ନ କଲେ ସେ ଇସ୍ତଫା ଦେବେ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ବିଶ୍ୱାଳ କହିଛନ୍ତି ଯେ, ତରାଇ ଏମ୍‌ପି ସିଟ୍‌ରେ ପ୍ରାର୍ଥୀ ହେବାକୁ ଚାହିଁଥିଲେ। ତେଣୁ ଏଆଇସିସିକୁ ଅବଗତ କରାଯାଇଥିଲା। ମାତ୍ର ଏଆଇସିସି ତାଙ୍କୁ ତିର୍ତ୍ତୋଲ ବିଧାନସଭା ଆସନରୁ ପ୍ରାର୍ଥୀ କରିଥିଲା। ଏବେ ତିର୍ତ୍ତୋଲରୁ କାହାକୁ ଦଳୀୟ ପ୍ରାର୍ଥୀ କରାଯିବ ଖୁବଶୀଘ୍ର ନିଷ୍ପତ୍ତି ହେବ। ଅନ୍ୟପକ୍ଷରେ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର କହିଛନ୍ତି, ତରାଇ ଭାଜପାରୁ ଏମ୍‌ପି ପ୍ରାର୍ଥୀ ହେବା ପାଇଁ କିଛିଦିନ ହେବ ଯୋଗାଯୋଗରେ ଥିଲେ।

## ସଂକ୍ଷେପରେ

### ଆକାଉଣ୍ଟରୁ ୧୮ ହଜାର ଟଙ୍କା ଉଠାଇ ନେଲେ ଦୁର୍ବୃତ୍ତ

ରଘୁନାଥପୁର,୩।୪(ଡି.ଏନ୍.ଏ.): ଜନୈକା ମହିଳାଙ୍କୁ ଟେଲିଫୋନ କରି ଏଟିଏମ୍ କାର୍ଡର ସିକ୍ରେଟ ନମ୍ବର ନେଇ ତାଙ୍କର ୨ଟି ଆକାଉଣ୍ଟରୁ ୧୮ ହଜାର ଟଙ୍କା ଦୁର୍ବୃତ୍ତ ନେବା ଘଟଣା ରଘୁନାଥପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ରଘୁନାଥପୁର ଥାନା ତାରପୁର ପଞ୍ଚାୟତ ଅଚ୍ଛୁତପୁର ଗାଁର ମାନସ ସାହୁଙ୍କ ସ୍ତ୍ରୀ ନିରୁପମାଙ୍କ ଫୋନକୁ ମଙ୍ଗଳବାର ୧୧ଟା ୨୪ ମିନିଟ୍‌ରେ ଏକ କଲ ଆସିଥିଲା। ସେଥିରେ କଲ କରିଥିବା ଦୁର୍ବୃତ୍ତ ଜଣଙ୍କ କାଳିଆ ଯୋଜନାରେ ଟଙ୍କା ପଠାଯିବାକୁ କହି ବ୍ୟାଙ୍କ ଆକାଉଣ୍ଟ ଏଟିଏମର ସିକ୍ରେଟ ନମ୍ବର ମାଗିଥିଲେ। ସରଳ ବିଶ୍ୱାସୀ ନିରୁପମା ଦୁର୍ବୃତ୍ତଙ୍କ କଥାକୁ ବିଶ୍ୱାସ କରି ନିଜର ଷ୍ଟେଟବ୍ୟାଙ୍କ ଆକାଉଣ୍ଟ ନମ୍ବର ସହ ଏଟିଏମ୍ ସିକ୍ରେଟ ନମ୍ବର ଦେଇଥିଲେ। ପରେ ଦୁର୍ବୃତ୍ତ ଜଣଙ୍କ ପୁନର୍ବାର କଲ କରି ଉକ୍ତ ଅକାଉଣ୍ଟକୁ ଟଙ୍କା ଯାଇ ପାରୁନାହିଁ ଆଉ କୌଣସି ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେବାକୁ କହିଥିଲେ। ନିରୁପମା ପୁନର୍ବାର ତାଙ୍କର ଗ୍ରାମ୍ୟ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦୁର୍ବୃତ୍ତଙ୍କୁ ଦେଇ ଦେଇଥିଲେ। ବୁଧବାର କାଳିଆ ଟଙ୍କା ଆସିଛି କି ନାହିଁ ବ୍ୟାଙ୍କକୁ ଯାଇ ଚେକ କଲା ପରେ ଷ୍ଟେଟ ବ୍ୟାଙ୍କ ଅକାଉଣ୍ଟରୁ ୧୩ ହଜାର ଓ ଗ୍ରାମ୍ୟ ବ୍ୟାଙ୍କ ଆକାଉଣ୍ଟରୁ ୫ ହଜାର ଟଙ୍କା ଉଠା ଯାଇଥିବା ସେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ନିରୁପମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ସ୍କୁଟି-କାର ଧକ୍କା: ବାପା ମୃତ, ପୁଅ ଗୁରୁତର

ରଘୁନାଥପୁର,୩।୪(ଡି.ଏନ୍.ଏ.): ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଖଣ୍ଡତରୀ ଆମ୍ୟୁନିଟି ସେଣ୍ଟର ପାଖରେ ବୁଧବାର ପୂର୍ବାହ୍ନ ୧୧ଟାରେ ଏକ କାର ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ବାପାଙ୍କ ମୃତ୍ୟୁ ହୋଇଥିବାବେଳେ ପଛରେ ବସିଥିବା ତାଙ୍କର ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ପୁରୀ ନିବାସୀ ନୃସିଂହ ନାୟକ ଏବଂ ପୁଅ ବିଜୟ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ନୃସିଂହ ପୁରୀରୁ ସ୍କୁଟି ଯୋଗେ ପୁଅକୁ ବସାଇ ପାରାଦୀପ ଅଭିମୁଖେ ଆସୁଥିଲେ। ହଠାତ୍ ଏକ ମାରୁତି କାର ସ୍କୁଟିକୁ ଧକ୍କା ଦେଇଥିଲା। ଖବରପାଇ ତାରପୁର ସରପଞ୍ଚ ସରୋଜ କୁମାର ଦାସ ପୋଲିସକୁ ଖବର ଦେଇଥିଲେ। ଆଇଆଇସି ବବିତା ଦଳାଇ ଘଟଣାସ୍ଥଳକୁ ଏସଆଇ ନିଲମ ସୋରେନ୍ ଓ ଏସ୍‌ଆଇ ଲିଜାରାଣୀ ବିଶ୍ୱାଳଙ୍କୁ ପଠାଇଥିଲେ। ଉଭୟ ବାପାପୁଅଙ୍କୁ ପୋଲିସ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବାପା ନୃସିଂହଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା କାର ଏବଂ ସ୍କୁଟିକୁ ଜବତ କରିଥିବାବେଳେ କାର ଚାଳକ ଘଟଣାସ୍ଥଳରୁ କେଉଁ ଆଡେ ପଳାଇ ଯାଇଥିଲେ। ଥାନାରେ ନଂ. ୨୬/୧୯ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଆଇଆଇସି ଦଳାଇ କହିଛନ୍ତି।

### ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

ତିର୍ତ୍ତୋଲ,୩।୪(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ବିଜୟ କୁମାର ସେନାପତିଙ୍କୁ ବୁଧବାର ବ୍ଲକ କର୍ମଚାରୀମାନଙ୍କ ତରଫରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିପିଓ ସଞ୍ଜୟ କୁମାର ଦାସ ସଭାପତିତ୍ୱ କରିଥିଲେ। ବିଡିଓ ରଞ୍ଜନ କୁମାର ପରିଡ଼ା ଉପସ୍ଥିତ ରହି ସେନାପତିଙ୍କ କାର୍ଯ୍ୟ ଦକ୍ଷତା ସମ୍ପର୍କରେ କହିବା ସହ ତାଙ୍କ ସରଳ ଜୀବନ ଯାପନ ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରେ ବୋଲି ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ଏଫଇଓ ସେନାପତିଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡବ୍ଲ୍ୟୁଇଓ ପ୍ରଦୀପ୍ତ କୁମାର ଦଳାଇ, ଜେ.ଇ ସୂର୍ଯ୍ୟନାରାୟଣ ବାରିକ, ବିଏସଏସଓ ବିଜୟ କୁମାର ପାତ୍ର, ଅଜୟ ସ୍ୱାଇଁ, ମୁଖ୍ୟକିରାଣୀ ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ଜେଏଫଟିଏ ବିକାଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

ତିର୍ତ୍ତୋଲ,୩।୪(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ସଅଁରା ପଞ୍ଚାୟତରେ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରାଯାଇ ନୂତନ ପ୍ରକଳ୍ପ କାର୍ଯ୍ୟ କରାଯାଉଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ପଞ୍ଚାୟତର ସଙ୍କେତ ପାଟଣା ଓ ରତନପୁର ଗ୍ରାମରେ ନିର୍ବାଚନ ପ୍ରକ୍ରିୟା ଚାଲୁରହିଥିବାବେଳେ ଖେଳପଡ଼ିଆ, ଚିଲଡ୍ରେନ ପାର୍କ ଉନ୍ନତୀକରଣ ଆଦି କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟ ଦ୍ୱାରା ଭୋଟରଙ୍କୁ ପ୍ରଭାବିତ କରାଯିବାକୁ ଉଦ୍ୟମ ହେଉଥିବାରୁ କାର୍ଯ୍ୟ ବନ୍ଦ ପାଇଁ ପଞ୍ଚାୟତର କେତେଜଣ ଲୋକ ବିଡିଓଙ୍କୁ ନିବେଦନ କରିଛନ୍ତି। ଏଭଳି ବେନିୟମ କାର୍ଯ୍ୟ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପିଡି ଡିଆରଡିଏ, ଜିଲା ନିର୍ବାଚନ ଅଧରକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ବସନ୍ତ ମହାରଣାଙ୍କ ସମେତ ରମାକାନ୍ତ ସାହୁ, ପବିତ୍ର ପ୍ରଧାନ, ପ୍ରିୟରଞ୍ଜନ ଓଝା, ମନୋରଞ୍ଜନ ସାହୁ, ନୃସିଂହ ଆଚାର୍ଯ୍ୟଙ୍କ ସମେତ ବହୁ ଅଧିବାସୀ ଲିଖିତ ଭାବରେ ଏହି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅନୁଧ୍ୟାନ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ କହିଛନ୍ତି।



ବିଡିଓଙ୍କୁ ପଞ୍ଚାୟତବାସୀ ଅଭିଯୋଗ ଜଣାଉଛନ୍ତି।

# ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହରିଣ ବନ ବିଭାଗକୁ ହସ୍ତାନ୍ତର



ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହରିଣ।

ରଘୁନାଥପୁର,୩।୪(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତସ୍ଥିତ ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଆସି ଜଙ୍ଗଲକୁ ଫେରି ପାରୁନାହାନ୍ତି ହରିଣ ପଲ। ଜଙ୍ଗଲଠାରୁ ପ୍ରାୟ ୮ରୁ୧୦ କିମି ହରିଣ ଚାଲି ଆସିବା ପରେ ବୁଲା କୁକୁରଙ୍କ ଶିକାର ହେଉଛନ୍ତି। ବୁଧବାର ଭୋରରୁ ଏକ ହରିଣ କୁକୁରମାନଙ୍କ ଶିକାର ବନିବା ପୂର୍ବରୁ ସାଦେଇପୁର ପଞ୍ଚାୟତ ଖରିପଡ଼ିଆ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇଥିଲା। ସକାଳୁ ହରିଣଟିକୁ କୁକୁରମାନେ ଗୋଡ଼ାଇବାର ଦେଖି ସ୍ଥାନୀୟ ଅଧିବାସୀ ଯୋସେଫ ସ୍ୱାଇଁ, ପ୍ରକାଶ ମହାପାତ୍ର ଓ ସୁଧାଂଶୁ ନାୟକଙ୍କ ସମେତ କେତେଜଣ ବ୍ୟକ୍ତି ତାକୁ ରକ୍ଷା କରିବାକୁ ଆଗେଇ ଆସିଥିଲେ। କୁକୁରଙ୍କ କବଳରୁ ରକ୍ଷା ପାଇବାକୁ ହରିଣଟି ଏକ ପୋଖରୀ ମଧ୍ୟକୁ ପଶି ଯାଇଥିଲା। ବନ ବିଭାଗ କର୍ମଚାରୀମାନେ ଖବରପାଇ ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ସେଠାରୁ ଏକ ଅଟୋ ସାହାଯ୍ୟରେ ହରିଣଟିକୁ ନେଇ ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଥିବା ଫରେଷ୍ଟର ରାଜେନ୍ଦ୍ର ସାମନ୍ତରାୟ କହିଛନ୍ତି। ଅନ୍ୟପକ୍ଷରେ ହରିଣ ବଂଶର ସୁରକ୍ଷା ପାଇଁ ଜଙ୍ଗଲ ଚତୁଃପାର୍ଶ୍ୱରେ ଯଦି ସୁରକ୍ଷା ପ୍ରାଚୀର କରା ନ ଯାଏ ତାହା ହେଲେ ଆଗାମୀଦିନରେ ସେମାନେ ମୃତ୍ୟୁମୁଖରେ ପଡ଼ିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

■ ସାରଦା ଉଚ୍ଚ ବିଦ୍ୟାଳୟ, ଗୋକୁଳପୁର

# କାଳବୈଶାଖୀରେ ଶ୍ରେଣୀ ଗୃହ ଭାଙ୍ଗିଲା

ରଘୁନାଥପୁର, ୩।୪ (ଡି.ଏନ୍.ଏ.)

କାଳବୈଶାଖୀ ତାଣ୍ଡବରେ ରଘୁନାଥପୁର ବ୍ଲକ ଗୋକୁଳପୁରସ୍ଥିତ ସାରଦା ଉଚ୍ଚ ବିଦ୍ୟାଳୟର ୩ଟି ଶ୍ରେଣୀଗୃହ ଧ୍ୱଂସ୍ତବିଧ୍ୱସ୍ତ ହୋଇଯାଇଛି। ଫଳରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନେଇ ସମସ୍ୟା ଉପୁଜିଛି। ଆଗାମୀ ୨୯ ତାରିଖ ଏହି ବିଦ୍ୟାଳୟର ୬୨ନଂ. ବୁଥ୍‌ରେ ହେବାକୁ ଥିବା ମତଦାନ ନେଇ ଚିନ୍ତା ବଢ଼ାଇଛି। ମଙ୍ଗଳବାର ଅପରାହ୍ନରେ ହଠାତ୍ କାଳବୈଶାଖୀ ହେବାରୁ ତା'ର ପ୍ରଭାବ ବିଦ୍ୟାଳୟ ଉପରେ ପଡିଥିଲା। ଚାହୁଁ ଚାହୁଁ ଆଜବେଷ୍ଟସ ଘର ପବନ ମାଡ଼ରେ ଭାଙ୍ଗିରୁଜି ଯାଇଥିଲା। ପ୍ରଭାବରେ କଡିବରଗା ଭାଙ୍ଗିରୁଜି ଯାଇଥିବାବେଳେ କାନ୍ଥରେ ମଧ୍ୟ କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ସୌଭାଗ୍ୟବଶତଃ ସ୍କୁଲ ସକାଳୁଆ ହୋଇଥିବାରୁ କୌଣସି ଅଘଟଣ ଘଟିନାହିଁ। ବିଦ୍ୟାଳୟରେ ଆବଶ୍ୟକଠାରୁ ଅଧିକ ଶ୍ରେଣୀଗୃହ ନ ଥିବାରୁ ବୁଧବାର ଛାତ୍ରୀଛାତ୍ରମାନେ ଆସି ପାଠ ପଢିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କ୍ଷତିଗ୍ରସ୍ତ ଶ୍ରେଣୀଗୃହ ଦୁଇଟିରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଦୁଇଟି ବାଟ ଥିବାରୁ ଏଥିରେ ଭୋଟରଙ୍କ ପାଇଁ ମତଦାନର ବ୍ୟବସ୍ଥା ହୋଇଥାଏ। ତେବେ ମତଦାନକୁ କମ୍ ଦିନ ବାକି ଥିବାବେଳେ ଯୁଦ୍ଧକାଳୀନ ଭିତ୍ତିରେ ଏହାର ନିର୍ମାଣ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ପୂର୍ବାହ୍ନରେ ପରିଚାଳନା କମିଟିର ସଭ୍ୟାସଭ୍ୟ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ଲିଖିତ ଭାବେ ଡିଇଓ, ବିଇଓ, ବିଡିଓ ଓ ତହସିଲଦାରଙ୍କୁ ଅବଗତ ମଧ୍ୟ କରାଯାଇଛି। ବିଡିଓ ପଞ୍ଚାନନ ପଟାୟତ ଖବରପାଇ ତୁରନ୍ତ ବିଦ୍ୟାଳୟରେ ପହଞ୍ଚି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହାଛଡ଼ା ଗୁରୁବାରଠାରୁ ୬ଷ୍ଠ, ୭ମ, ୮ମ ଶ୍ରେଣୀ ପାଇଁ ୪୦ ଦିନିଆ ଉଜ୍ଜ୍ୱଳ ଓ ଉତ୍ଥାନ ଶିକ୍ଷାଦାନ ଆରମ୍ଭ ହେବାକୁ ଥିବାବେଳେ ଛାତ୍ରୀଛାତ୍ରମାନଙ୍କ ପାଇଁ ଶ୍ରେଣୀଗୃହର ଅଭାବ ହେବ। ଏହା ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ଏସ୍‌ଏମ୍‌ସି ଚେୟାରମ୍ୟାନ ରାଜେନ୍ଦ୍ର ନାରାୟଣ ସିଂହ, ଆଲମିନି କମିଟିର ମୁଖ୍ୟ ବିନୋଦ ବିହାରୀ ମହାନ୍ତି, ଅଭିଭାବକ ସୁକାନ୍ତ ଦାସ, ଡଲି ଜେନା, ରବୀନ୍ଦ୍ର ସାହୁଙ୍କ ସମେତ ସମସ୍ତ ଅଭିଭାବକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



କାଳବୈଶାଖୀରେ ବିଦ୍ୟାଳୟ ଶ୍ରେଣୀଗୃହ ଆଜ୍‌ବେଷ୍ଟସ୍ ଭାଙ୍ଗିଯିବା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାମାନେ ବିଡିଓଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

# ପ୍ରଶାନ୍ତଙ୍କ ପ୍ରାର୍ଥିତ୍ୱ ବିରୋଧରେ ଶୋଭାଯାତ୍ରା

■ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି ଅମରେନ୍ଦ୍ର
■ସମର୍ଥକଙ୍କ ସହ ଆଲୋଚନା ପରେ ନେବେ ନିଷ୍ପତ୍ତି

ଜଗତ୍‌ସିଂହପୁର ଅଫିସ, ୩।୪

ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ଏଥର ଜଗତ୍‌ସିଂହପୁର ବିଧାନ ସଭା ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟ୍ ମିଳିଛି। କିନ୍ତୁ ଏହାକୁ ହଜମ କରିପାରୁନାହାନ୍ତି ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସ ଓ ତାଙ୍କ ସମର୍ଥକମାନେ। ନିର୍ବାଚନମଣ୍ଡଳୀରେ ମୁଦୁଲିଙ୍କର ସେଭଳି କୌଣସି ସମ୍ପୃକ୍ତି ନ ଥିବାବେଳେ ହଠାତ୍ ତାଙ୍କୁ ପ୍ରାର୍ଥୀ କରାଯିବା ଦଳର ନୀତି ବିରୋଧୀ ବୋଲି ଅମରେନ୍ଦ୍ର ଅଭିଯୋଗ ଉଠାଇଛନ୍ତି। ସେ କହିଛନ୍ତି ଯେ, ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ନିର୍ବାଚନମଣ୍ଡଳୀର ବାସ୍ତବ ଚିତ୍ର ପହଞ୍ଚୁ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଚାରିପଟେ କୋଟେରୀ କରି ରହିଥିବା କେତେଜଣଙ୍କ କଥାରେ ନିଷ୍ପତ୍ତି ହେଉଛି। ତାଙ୍କ ପ୍ରତି ଦଳ ଅନ୍ୟାୟ କରିଛି। ଲୋକଙ୍କ ଭାବାବେଗ ସହ ଖେଳ ଖେଳାଯିବା ଉଚିତ ନୁହେଁ। ପ୍ରଶାନ୍ତଙ୍କ ପ୍ରାର୍ଥିତ୍ୱ ଉପରେ ପୁନର୍ବିଚାର କରିବା ପାଇଁ ଅମରେନ୍ଦ୍ର ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ ଏହି ଦାବି ଉପରେ ବିଚାର ପାଇଁ ଗତ ୧ ତାରିଖରେ ୨୪ ଘଣ୍ଟା ସମୟ ନେଇଥିଲେ। କିନ୍ତୁ ୨ ତାରିଖ ସନ୍ଧ୍ୟା ଭିତରେ କୌଣସି ନିଷ୍ପତ୍ତି ନେଇ ନ ପାରିବାରୁ ପୁଣି ୨୪ ଘଣ୍ଟା ସମୟ ଗଡିଥିଲା। ବୁଧବାର ସନ୍ଧ୍ୟା ସୁଦ୍ଧା କଣ ବିଚାର ହେଲା ଜଣାଯିବା କଥା। ହେଲେ ବିଚାର ତ ଦୂରର କଥା କୌଣସି ଉତ୍ତର ଆସିଲା ନାହିଁ ବୋଲି ଦୁଃଖର ସହ କହିଛନ୍ତି ଅମରେନ୍ଦ୍ର। ଏ ପରିସ୍ଥିତିରେ ସେ ପରବର୍ତ୍ତୀ ନିଷ୍ପତ୍ତି କଣ ନେବେ ତାହା ଗୁରୁବାର ସ୍ପଷ୍ଟ କରିବେ। ବୁଧବାର ରାତିରେ ଏନେଇ ସମର୍ଥକଙ୍କ ସହ ଆଲୋଚନା କରିବେ। ଆବଶ୍ୟକ ପଡିଲେ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇପାରନ୍ତି ବୋଲି ଅମରେନ୍ଦ୍ରଙ୍କ ଜଣେ ସମର୍ଥକ କହିଛନ୍ତି। ବୁଧବାର ଅମରେନ୍ଦ୍ର ଓ ତାଙ୍କ ସମର୍ଥକ ଶୋଭାଯାତ୍ରାରେ ବିଜୁ ପଟ୍ଟନାୟକ ଛକରେ ପହଞ୍ଚିଥିଲେ। ସେଠାରେ ସ୍ୱର୍ଗତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଜୁ ଜନତା ଦଳ କିପରି ବାସ୍ତବ ଲକ୍ଷ୍ୟଠାରୁ ଦୂରେଇ ଯାଇଛି ତାହା କହିଥିଲେ।

■ କଂଗ୍ରେସ ପ୍ରାର୍ଥୀ ଘୋଷଣା ପରେ ପାରାଦୀପ ରାଜନୀତି ସରଗରମ

# ୩ ପ୍ରାର୍ଥୀଙ୍କୁ ବିଦ୍ରୋହୀ ଚିନ୍ତା

■ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିନାହାନ୍ତି ପ୍ରମୋଦ
■ସମସ୍ତଙ୍କୁ ମନାଇବା ସମ୍ବିତଙ୍କ ପାଇଁ ଚ୍ୟାଲେଞ୍ଜ
■ସମ୍ପଦଙ୍କ ଉପରେ ପୁରୁଖା କର୍ମୀ ଅସନ୍ତୁଷ୍ଟ

ପାରାଦୀପ/କୁଜଙ୍ଗ,୩।୪(ସ୍ୱ.ପ୍ର.)

ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ଓ ବିଜେଡି ଅପେକ୍ଷା ବହୁ ବିଳମ୍ବରେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ମଙ୍ଗଳବାର ଦଳ ଗତଥରର ବିଧାୟକ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ(ବାପି)ଙ୍କୁ ଏଥର ପୁଣି ପ୍ରାର୍ଥୀ କରିବା ପରେ ରାଜନୈତି ବାତାବରଣ ସରଗରମ ହୋଇଛି। ଦଳ ଏଠାରେ କାହାକୁ ପ୍ରାର୍ଥୀ କରିବ ବୋଲି ନିଷ୍ପତ୍ତି ନେଇପାରୁ ନ ଥିବାବେଳେ ନେତା ଓ କର୍ମୀ ସଂଶୟ ମଧ୍ୟରେ ଥିଲେ। ଗତ ୩ ସାଧାରଣ ନିର୍ବାଚନ ଭଳି ଚଳିତଥର ମଧ୍ୟ ଦଳ ପ୍ରାର୍ଥୀ ଘୋଷଣାରେ ଏପଟ ସେପଟ କରିପାରେ ବୋଲି ଚର୍ଚ୍ଚା ଚାଲିଥିଲା। ମାତ୍ର ଶେଷରେ ଦଳ ବାପିଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ତାଙ୍କ ସମର୍ଥକମାନେ ଉତ୍ସାହିତ ହୋଇ ବାଣ ଫୁଟାଇବା ସହ ମିଠା ବାଣ୍ଟିଛନ୍ତି। ଅନ୍ୟପକ୍ଷରେ ଅନ୍ୟତମ ଆଶାୟୀ ପ୍ରମୋଦ ଜେନା ଓ ତାଙ୍କ ସମର୍ଥକମାନେ ନିରାଶ ହୋଇଛନ୍ତି। ତାଙ୍କର ଆଗାମୀ କାର୍ଯ୍ୟପନ୍ଥା କ'ଣ ହେବ ସେ ସମ୍ପର୍କରେ ପ୍ରମୋଦ ଅଦ୍ୟାବଧି ନିଷ୍ପତ୍ତି ନେଇ ନ ଥିବା କହିଛନ୍ତି। ତେଣୁ ଦଳରେ ଅସନ୍ତୋଷ ରହିଥିବା ସ୍ପଷ୍ଟ ହେଉଛି। କେବଳ କଂଗ୍ରେସ ନୁହେଁ, ଏଠାରେ ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ ଓ ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କ ବିରୋଧରେ ମଧ୍ୟ ଅସନ୍ତୁଷ୍ଟ ଗୋଷ୍ଠୀ ଅଛନ୍ତି। ତେଣୁ ଚଳିତ ନିର୍ବାଚନରେ ୩ ପ୍ରାର୍ଥୀଙ୍କୁ ବିରୋଧୀଙ୍କ ଅପେକ୍ଷା ବିଦ୍ରୋହୀଙ୍କ ଚିନ୍ତା ଅଧିକ ଘାରିବ ବୋଲି କୁହାଯାଉଛି।

ଏକଦା ବ୍ୟବସାୟୀକ ଲକ୍ଷ୍ୟ ନେଇ ପାରାଦୀପ ଆସିଥିବା ସର୍ଖେଲ ପୋସ୍କୋ ଘଟଣାରେ ଚର୍ଚ୍ଚାକୁ ଆସିଥିଲେ। ଏହା ପରେ ରାଜନୈତିକ ସୁରକ୍ଷା ପାଇଁ ସେ କଂଗ୍ରେସରେ ସାମିଲ ହୋଇଥିବା ଚର୍ଚ୍ଚା ହୋଇଥିଲା। ନାଟକୀୟ ଢଙ୍ଗରେ ସେ ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ଅନ୍ୟତମ ଦାବିଦାର ପ୍ରମୋଦ ନିରାଶ ହୋଇଥିଲେ। ଉକ୍ତ ନିର୍ବାଚନରେ ସର୍ଖେଲ ପରାଜିତ ହୋଇଥିଲେ ମଧ୍ୟ ବରିଷ୍ଠ ନେତା ଦାମୋଦର ରାଉତଙ୍କୁ ଭଲ ଟକ୍କର ଦେଇଥିଲେ। ଇତିମଧ୍ୟରେ ବିଭିନ୍ନ ଘଟଣାକୁ ନେଇ ସେ ବିବାଦୀୟ ହୋଇପଡ଼ିଥିଲେ ମଧ୍ୟ ଦଳ ତାଙ୍କ ଉପରେ ଭରସା କରିଛି। ଏ ସମ୍ପର୍କରେ ବାପି କହିଛନ୍ତି ଯେ, ଗତ ୫ ବର୍ଷ ହେଲା ସେ ନିର୍ବାଚନମଣ୍ଡଳୀର ପ୍ରତି ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଯିଏ ଏଠାକାର ନେତା ଥିଲେ ସେ ନିଜ ସ୍ୱାର୍ଥ ପାଇଁ ଲୋକଙ୍କ ବିକାଶକୁ ଅଟକାଇଥିଲେ। ଏବେ ସମୟ ଆସିଛି ପରିବର୍ତ୍ତନର। କିଛି ଲୋକ ଓ ବିପକ୍ଷ ଦଳର ନେତା ତାଙ୍କୁ ଟିକେଟ ନ ଦେବାକୁ ଚକ୍ରାନ୍ତ କରୁଥିଲେ। ନିର୍ବାଚନ ଫଳାଫଳ ସେମାନଙ୍କୁ ଉଚିତ ଜବାବ ଦେବ। ଅନ୍ୟପକ୍ଷରେ ଦାମ ଆଉ ବିଜେଡିରେ ନାହାନ୍ତି। ତାଙ୍କ ପୁଅ ସମ୍ବିତଙ୍କୁ ବିଜେଡି ପ୍ରାର୍ଥୀ କରିଥିବାରୁ ସର୍ଖେଲଙ୍କ ରାସ୍ତା ଅପେକ୍ଷାକୃତ ସହଜ ହୋଇପାରେ। ମାତ୍ର ଦଳୀୟ ବିଦ୍ରୋହ ତଥା ପ୍ରମୋଦଙ୍କ ଆଭିମୁଖ୍ୟ ତାଙ୍କୁ ଅଡୁଆରେ ପକାଇପାରେ। ଏ ସମ୍ପର୍କରେ ପ୍ରମୋଦ କହିଛନ୍ତି ଯେ ନିଜ ସମର୍ଥକ ଓ କର୍ମୀଙ୍କୁ ଭେଟିଲା ପରେ ଯାହା ପଦକ୍ଷେପ ନେବେ। କିନ୍ତୁ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରମୋଦ କୁଜଙ୍ଗରେ ନିଜ ସମର୍ଥକମାନଙ୍କୁ ନେଇ ଏକ ଗୋପନ ବୈଠକ କରିଛନ୍ତି। ତାଙ୍କର ଜଣେ ସମର୍ଥକ କହିଛନ୍ତି ପାରାଦୀପ ଟିକେଟ ପାଇଁ ଦଳରେ ବ୍ୟାପକ ଅର୍ଥ କାରବାର ହୋଇଛି। ଚଳିତ ନିର୍ବାଚନରେ ବାପିଙ୍କୁ ହରାଇବା ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ହେବ।

ବିଜେଡିରେ ମଧ୍ୟ ସମ୍ବିତଙ୍କ ବିରୋଧରେ ଅସନ୍ତୋଷ ରହିଛି। କାରଣ ଦାମ ଭାଜପାର ମିଶି ବାଲିକୁଦା-ଏରସମାରୁ ପ୍ରାର୍ଥୀ ହୋଇଥିବାବେଳେ ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଟୁ ସମାଲୋଚନା କରୁଛନ୍ତି। ଜଗତସିଂହପୁର ଜିଲାରେ ବିଜେଡିକୁ ଜିତାଇଦେବେ ନାହିଁ ବୋଲି ସେ ଖୋଲାଖୋଲି ପ୍ରକାଶ କରିଥିଲେ। ଦାମଙ୍କ ଏଭଳି ମନ୍ତବ୍ୟ ପାଇଁ ସମ୍ବିତଙ୍କୁ ଗ୍ରହଣ କରିବାକୁ ସ୍ଥାନୀୟ କେତେଜଣ ବିଜେଡି ନେତା ଓ କର୍ମୀ କୁଣ୍ଠା ପ୍ରକାଶ କରୁଛନ୍ତି। ସ୍ଥାନୀୟ ନେତା ନରେନ୍ଦ୍ର ପରିଡ଼ା, ଦିଲୀପ ମହାପାତ୍ର, ପିତାମ୍ବର ତରାଇ, ସଞ୍ଜୟ ସ୍ୱାଇଁ, ସଞ୍ଜୟ ବେହେରା, ତପନ ସାମନ୍ତରାୟ ଓ ପ୍ରକାଶ ଚନ୍ଦ୍ର ପରିଡ଼ା ପ୍ରମୁଖ ମଙ୍ଗଳବାର ଦଳୀୟ ସଭା କରି ସମ୍ବିତଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ନେତାମାନଙ୍କ ହାତରେ କୁଜଙ୍ଗରେ ଦାମ ବିରୋଧୀ ଏକ ବୃହତ ସଙ୍ଗଠନ ରହିଛି। ଦାମ ନିଜ ମନ୍ତବ୍ୟରୁ ନିବୃତ୍ତ ନ ରହିଲେ ସମ୍ବିତଙ୍କୁ ପରିଣାମ ଭୋଗିବାକୁ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। କିଛିଦିନ ତଳେ ଶ୍ରମିକନେତା ସନ୍ତୋଷ ପଟ୍ଟନାୟକ ସମ୍ବିତଙ୍କ ପ୍ରାର୍ଥିତ୍ୱକୁ ଖୋଲା ବିରୋଧ କରିବା ସହ ନବୀନ ନିବାସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେଣୁ ସମସ୍ତଙ୍କୁ ବୁଝାଇ ନିର୍ବାଚନ ବୈତରଣୀ ପାର ହେବା ସମ୍ବିତଙ୍କ ପାଇଁ ଚ୍ୟାଲେଞ୍ଜର ବିଷୟ।

ଭାଜପାରେ ମଧ୍ୟ ସମ୍ପଦଙ୍କ ଉପରେ ପୁରୁଖା କର୍ମୀ ଅସନ୍ତୁଷ୍ଟ। ସମ୍ପଦଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ସେମାନେ ଏକାଧିକ ସଭା କରିସାରିଲେଣି। କିଛିଦିନ ତଳେ ଭାଜପା ନେତା ଗତିକୃଷ୍ଣ ଶତପଥୀ ଦଳ ଛାଡ଼ି ବିଜେଡିରେ ମିଶିଥିଲେ। ପାରାଦୀପ ନିର୍ବାଚନମଣ୍ଡଳୀରେ ବାମ ଦଳ ସିପିଆଇର ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ରହିଛି। କଂଗ୍ରେସ ସହିତ ମେଣ୍ଟ କରିଥିବାରୁ ଦଳ ଏଠାରେ ପ୍ରାର୍ଥୀ ଦେଇନାହିଁ। ତେବେ ଏହି ଭୋଟ୍ ହାତେଇବାରେ ସର୍ଖେଲ କେତେ ସଫଳ ହେବେ ତାହା କହି ହେବ ନାହିଁ। ମୋଟାମୋଟି ଭାବେ ଯେଉଁ ପ୍ରାର୍ଥୀ ଅସନ୍ତୁଷ୍ଟଙ୍କୁ ମନାଇବା ସହ ଦଳୀୟ ଭୋଟ୍ ଓ ସିପିଆଇର ଭୋଟ୍ ହାତେଇ ପାରିବେ ସେହି ବିଜୟୀ ହେବେ ବୋଲି ଚର୍ଚ୍ଚା ହେଉଛି।

# ଦ୍ୱିତୀୟ ଦିନରେ ୪ ପ୍ରାର୍ଥୀପତ୍ର ଦାଖଲ

**କେନ୍ଦ୍ରାପଡ଼ା ଅଫିସ୍, ୩।୪**

୪ର୍ଥ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ବୁଧବାର ଥିଲା ନାମାଙ୍କନପତ୍ର ଦାଖଲର ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିନରେ ମହାକାଳପଡ଼ା, ରାଜନଗର ଓ କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ୪ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ମହାକାଳପଡ଼ା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ, ସ୍ୱାଧୀନ ପ୍ରାର୍ଥୀ ପଦ୍ମଲାଭ ଚୌଧୁରୀ ରିଟର୍ନିଂ ଅଫିସର ତଥା ସହକାରୀ ଉପ ଜିଲାପାଳ ପ୍ରଣୟ କୁମାର ଜେନାଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ରାଜନଗର ବିଧାନସଭାର ସ୍ୱାଧୀନ ପ୍ରାର୍ଥୀ ଅଜୟ କୁମାର ବେହେରା ରିଟର୍ନିଂ ଅଫିସର ତଥା ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପ୍ରାର୍ଥୀପତ୍ର ପ୍ରଦାନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ରିଟର୍ନିଂ ଅଫିସର ତଥା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ଏହି ୪ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ଓ କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ବେହେରା ନାମାଙ୍କନ ପତ୍ର ଦାଖଲ ଅବସରରେ ଦମଦାର ଶକ୍ତି ପ୍ରଦର୍ଶନ କରିଛନ୍ତି। ଗଣେଶ୍ୱର ପ୍ରାୟ ୩ ହଜାର ସମର୍ଥକଙ୍କ ସହ ଗରାପୁର କାର୍ଯ୍ୟାଳୟରୁ ବହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ୪ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀ ବିଜେଡି ସରକାରଙ୍କ ଅମଳରେ ସବୁଠାରୁ ଅଧିକ ଅବହେଳିତ ହୋଇଥିବା ଗଣେଶ୍ୱର ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଥିଲେ। ସେ କହିଥିଲେ, ନିର୍ବାଚନ ମଣ୍ଡଳୀର ପ୍ରାଣକେନ୍ଦ୍ର କେନ୍ଦ୍ରାପଡା ସହରକୁ ସବୁବେଳେ ଅବହେଳା କରାଯାଇଛି। ରାଜ୍ୟର ଏହି ସର୍ବ ପୁରାତନ ମ୍ୟୁନିସିପାଲିଟିରେ ଗମନାଗମନ ଭଳି ମୌଳିକ ଆବଶ୍ୟକତା ପୂରଣ ହୋଇନାହିଁ। ସହରଠାରୁ ମାତ୍ର ୨୦ କିଲୋମିଟର ଦୂର ସିଂହଗାଁ ପଞ୍ଚାୟତକୁ ଅଦ୍ୟାବଧି ରାସ୍ତା ହୋଇନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବହୁ ପଛରେ ରହିଥିବା ବେଳେ କ୍ଷେତକୁ ଜଳପରିଚାଳନା ବ୍ୟବସ୍ଥା ହୋଇନାହିଁ। ଆସନ୍ତା ନିର୍ବାଚନରେ ଆଞ୍ଚଳିକ ସମସ୍ୟା ମୁଖ୍ୟ ପ୍ରସଙ୍ଗ ହେବ ବୋଲି ଗଣେଶ୍ୱର ପ୍ରକାଶ କରିଥିଲେ। ସେହିପରି ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ ଆଶୀର୍ବାଦ ନେଇ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରାୟ ୮ ହଜାର ସମର୍ଥକଙ୍କ ସହ ଅତନୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ୩ ସେଟ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେ ପ୍ରକାଶ କରିଥିଲେ ଯେ, ଜିଲାର ଉପାନ୍ତ ଅଞ୍ଚଳରେ ମହାକାଳପଡ଼ା ନିର୍ବାଚନମଣ୍ଡଳୀ ରହିଛି। ଏଠାରେ ପ୍ରାକୃତିକ ବିପର୍ଯ୍ୟୟ ସର୍ବଦା ଲାଗି ରହିଥିବା ବେଳେ ପାନୀୟ ଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ୟା ଲାଗି ରହିଥିଲା। ରାଜ୍ୟରେ ବିଜେଡି ସରକାର ଆସିବା ପରେ ବହୁବିଧ ଉନ୍ନୟନ କାର୍ଯ୍ୟ ଜାରି ରହିଛି। ସମସ୍ତ ସ୍ଥାନକୁ ଗମନାଗମନ ପାଇଁ ରାସ୍ତା ଓ ସେତୁ ନିର୍ମାଣ କରାଯାଇଛି। ଏଥିସହିତ ରାଜ୍ୟସ୍ତରରେ ସର୍ବପ୍ରଥମେ ମହାକାଳପଡ଼ାରେ ବୋଟ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ସେହିପରି ପାନୀୟ ଜଳ ସମସ୍ୟା ପାଇଁ ୨୪୧ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଛି ବୋଲି ଅତନୁ ପ୍ରକାଶ କରିଥିଲେ। ଅତନୁ ନାମାଙ୍କନପତ୍ର ଦାଖଲ କରିବା ସମୟରେ ଆୟୋଜିତ ଶୋଭାଯାତ୍ରାରେ କେନ୍ଦ୍ରାପଡ଼ା ଏମ୍ପି ପ୍ରାର୍ଥୀ ଅନୁଭବ ମହାନ୍ତି, ରାଜ୍ୟ ମହିଳା ବିଜେଡି ସଭାପତି ମିନତି ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡ଼ା, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ସୀତାଲତା ପରିଡ଼ା, ମହାକାଳପଡା ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳ, ଯୁବନେତା ସଞ୍ଜୟ ଲେଙ୍କା, ଅଶୋକ ମହାପାତ୍ର, ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।


ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

**ଅତନୁ, ଗଣେଶ୍ୱରଙ୍କ ଶକ୍ତି ପ୍ରଦର୍ଶନ**


ସମର୍ଥକଙ୍କ ଗହଣରେ ସ୍ୱାଧୀନ ପ୍ରାର୍ଥୀ ପଦ୍ମଲାଭ ଚୌଧୁରୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

## ■ ମହାକାଳପଡ଼ା ବିଧାନସଭା ଆସନ
# ନାମାଙ୍କନ ଭରିଲେ ସ୍ୱାଧୀନ ପ୍ରାର୍ଥୀ ପଦ୍ମଲାଭ

**କେନ୍ଦ୍ରାପଡ଼ା ଅଫିସ୍, ୩।୪**

ନାମାଙ୍କନ ଦାଖଲର ଦ୍ୱିତୀୟ ଦିବସରେ ମହାକାଳପଡା ବିଧାନସଭା ପାଇଁ ଦୁଇ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ, ସ୍ୱାଧୀନ ପ୍ରାର୍ଥୀ ପଦ୍ମଲାଭ ଚୌଧୁରୀ ରିଟର୍ନିଂ ଅଫିସର ତଥା ସହକାରୀ ଉପଜିଲାପାଳ ପ୍ରଣୟ କୁମାର ଜେନାଙ୍କ ନିକଟରେ ଦାଖଲ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ପଦ୍ମଲାଭ କୁହନ୍ତି ଦୀର୍ଘଦିନ ଧରି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ବିଜେଡି ଅଧୀନରେ ଥିବା ବେଳେ ଏବେ ବି ଏଠାରେ ନିଯୁକ୍ତି, କ୍ଷେତକୁ ଜଳ, ଶିକ୍ଷା ପ୍ରତିଷ୍ଠା, ବିଶ୍ୱବିଦ୍ୟାଳୟ ସ୍ଥାପନ, ଜମି ସମସ୍ୟା, ମେଡିକାଲ କଲେଜ ଆଦି ସମସ୍ୟାର ସମାଧାନ ହୋଇନାହିଁ। ଏବେ ଏହି ସମସ୍ୟାର ସମାଧାନ ପାଇଁ ସାଧାରଣ ଜନତାଙ୍କ ସ୍ୱର ତୀବ୍ର ହୋଇଛି। ପରିବର୍ତ୍ତନ ପାଇଁ ଏଥର ତାଙ୍କୁ ନିଶ୍ଚୟ ଜନସହଯୋଗ ମିଳିବ ବୋଲି ପଦ୍ମଲାଭ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ
### ଦ୍ୱିତୀୟ ଦିନରେ ୯ ଫର୍ମ ବିକ୍ରି

**କେନ୍ଦ୍ରାପଡ଼ା ଅଫିସ, ୩।୪:** ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଗତ ୨ ତାରିଖଠାରୁ ନାମାଙ୍କନ ପତ୍ର ଫର୍ମ ବିକ୍ରି ଆରମ୍ଭ ହୋଇଛି। ମଙ୍ଗଳବାର ୧୨ଟି ଫର୍ମ ବିକ୍ରି ହୋଇଥିବା ବେଳେ ବୁଧବାର ୯ଟି ଫର୍ମ ବିକ୍ରି ହୋଇଛି। କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଧରଣୀଧର ନାୟକ ଓ କେନ୍ଦ୍ରାପଡା ବ୍ଲକ ତିନତୋଲର ଅନ୍ନଦା ପ୍ରସାଦ ରାଉତରାୟ ଫର୍ମ ନେଇଛନ୍ତି। ସେହିପରି ଆଳି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଥେରାଣ୍ଟପଡ଼ା ଗ୍ରାମର ବିଧାନଚନ୍ଦ୍ର ଦାସ, ଅଚ୍ୟୁତପୁର ଗ୍ରାମର ପ୍ରଭାତ କୁମାର ମଲ୍ଲିକ ଫର୍ମ କିଣିଛନ୍ତି। ମହାକାଳପଡ଼ାର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ପଦ୍ମଲାଭ ଚୌଧୁରୀ ଫର୍ମ କିଣିବା ସହ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ରାଜନଗର ବିଧାନସଭା ପାଇଁ ଭାଜପା ପ୍ରାର୍ଥୀ ଅଲେଖ ଚନ୍ଦ୍ର ଜେନା ଓ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ୍ ମହାନ୍ତି ନାମାଙ୍କନ ଫର୍ମ କିଣିଛନ୍ତି। ଏଥିସହିତ ପାଟକୁରା ବିଧାନସଭା ଆସନ ପାଇଁ ଛାଞ୍ଚୁଣିଆର ପରମାନନ୍ଦ ମହାରଣା ଓ ଚାନ୍ଦୋଳର ଅଶୋକ କୁମାର ତ୍ରିପାଠୀ ଫର୍ମ କିଣିଥିବା ଜଣାପଡ଼ିଛି।

### ଯୁବକଙ୍କ ମୃତଦେହ ଉଦ୍ଧାର

**ରାଜନଗର, ୩।୪(ଡିଏନଏ):** ରାଜନଗର ଗାଁର ନିରଞ୍ଜନ ସେଠୀଙ୍କ ପୁଅ ରତିକାନ୍ତ (୨୨) ମଙ୍ଗଳବାର ଗାଁ ନିକଟରେ ବହି ଯାଇଥିବା ହଂସୁଆ ନଦୀରେ ଗାଧୋଇବା ବେଳେ ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ଥିଲେ। ବୁଧବାର ହଂସୁଆ ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି।

### ନବବଧୂଙ୍କୁ ହତ୍ୟା ଅଭିଯୋଗ

**ପଟ୍ଟାମୁଣ୍ଡାଇ, ୩।୪ (ସ୍ୱ.ପ୍ର.):** ଗତ ୩ ମାସ ତଳେ ପ୍ରେମ ବିବାହ କରିଥିବା ସୁମିତ୍ରା ଦାସ ନାମକ ଜଣେ ନବବଧୂ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ବେଳେ ଯୌତୁକ ପାଇଁ ଶାଶୁଘର ଲୋକେ ପିଟି ପିଟି ମାରି ଦେଇଥିବା ବାପଘର ଲୋକେ ପଟ୍ଟାମୁଣ୍ଡାଇ ଥାନାରେ ବୁଧବାର ସନ୍ଧ୍ୟାରେ ଅଭିଯୋଗ କରିଛନ୍ତି । ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ-୧୧୨/୨୦୧୯ )ରୁଜୁ କରି ତଦନ୍ତ ଜାରି ରଖିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ କହିଛନ୍ତି। ମହାକାଳପଡା ବ୍ଲକ ତନ୍ତିଆପାଳ ମେରାଇନ ଥାନା ଅନ୍ତର୍ଗତ କୁଲଲଞ୍ଜୁଡା ଗ୍ରାମର ବାସୁଦେବ ଦାସଙ୍କ ଝିଅ ସୁମିତ୍ରା(୧୭) ସ୍ଥାନୀୟ ଏକ କଲେଜରେ ଯୁକ୍ତ ୨ ଶ୍ରେଣୀରେ ଅଧ୍ୟୟନ କରିବା ସମୟରେ ପଟ୍ଟାମୁଣ୍ଡାଇ ଥାନା ଓଉପଦା ଗ୍ରାମର ନଳିନୀ ନାୟକଙ୍କ ପୁଅ ବିକାଶଙ୍କ ସହ ତାଙ୍କର ପ୍ରେମ ସଂପର୍କ ଗଢି ଉଠିଥିଲା । ଗତ ୩ ମାସ ତଳେ ବିକାଶ ସୁମିତ୍ରାଙ୍କୁ ଅପହରଣ କରି ନେଇ ମନ୍ଦିରରେ ବିବାହ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଯୌତୁକ ଦାବି କରି ସ୍ୱାମୀ, ଶାଶୁ, ଶ୍ୱଶୁର, ଦେଢଶୁର ଓ ବଡଯାଆ ନିର୍ଯାତନା ଦେଉଥିଲେ। ବୁଧବାର ସକାଳେ ତାଙ୍କୁ ମାରି ଦିଆଯାଇଥିବା ବାସୁଦେବ ଥାନାରେ ଅଭିଯୋଗ କରଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ପଞ୍ଚୁପାଣ୍ଡବ, ଇନ୍ଦୁପୁର ବାରୁଣୀ ଯାତ୍ରା ଆରମ୍ଭ

**ଡେରାବିଶ, ୩।୪ (ସ୍ୱ.ପ୍ର)**

ଡେରାବିଶ, ୩।୪ (ସ୍ୱ.ପ୍ର) କେନ୍ଦ୍ରାପଡା ବ୍ଲକ ଇନ୍ଦୁପୁରଠାରେ ପ୍ରସିଦ୍ଧ ବାରୁଣୀ ଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇଛି। ବିରୂପା, ବ୍ରାହ୍ମଣୀ ଓ କେଲୁଅ ନଦୀର ସଙ୍ଗମସ୍ଥଳରେ ବାରୁଣୀ ବୁଡ଼ ପକାଇବା ପାଇଁ ମଙ୍ଗଳବାର ରାତିରୁ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଭୋର ୪ଟାରୁ ସକାଳ ୮ଟା ମଧ୍ୟରେ ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାରେ ଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେହିପରି ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ପଞ୍ଚୁପାଣ୍ଡବଠାରେ ବୁଧବାରଠାରୁ ପ୍ରସିଦ୍ଧ ବାରୁଣୀ ଯାତ୍ରା ଆରମ୍ଭ ହୋଇଛି। ପ୍ରାତଃରୁ ଶତାଧିକ ଶ୍ରଦ୍ଧାଳୁ ଗୋବରୀ ନଦୀରେ ବୁଡ଼ ପକାଇ ପଞ୍ଚୁପାଣ୍ଡବ ମନ୍ଦିରରେ ଦର୍ଶନ କରିଥିଲେ। ଜନଶ୍ରୁତି ଅନୁସାରେ, ଦ୍ୱାପର ଯୁଗରେ ଅଜ୍ଞାତ ବାସରେ ଥିବା ବେଳେ ପାଣ୍ଡବ ୫ ଭାଇଙ୍କ ସମେତ ଭଗବାନ ଶ୍ରୀ କୃଷ୍ଣ ଓ ମାତା କୁନ୍ତି ଚୈତ୍ରମାସ ତ୍ରୟୋଦଶୀ ତିଥିରେ ବାରୁଣୀ ଯୋଗ ପଡିଥିବାରୁ ଗୋବରୀ ନଦୀରେ ବୁଡ଼ ପକାଇଥିଲେ। ସେହିଦିନଠାରୁ ଏହି ସ୍ଥାନ ତୀର୍ଥକୂଳ ଭାବେ ପରିଚିତ ବୋଲି ଡେରାଡିଅ ଗ୍ରାମର ଜ୍ୟୋତିରଞ୍ଜନ ସୁନ୍ଦରାୟ କହିଛନ୍ତି। ତେବେ ତୀର୍ଥ କୂଳରେ ସ୍ନାନ କରି ପଞ୍ଚୁପାଣ୍ଡବ ମନ୍ଦିର ଯାଏଁ ପଡିଥିବା ଚଦରରେ ବିରି ଜାତୀୟ ଶସ୍ୟ, ଚାଉଳ ଓ ପଇସା ପକାଇଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ଶ୍ରଦ୍ଧାଳୁଙ୍କ ବଶ୍ୱାସ ରହିଛି। ଏହି ବାରୁଣୀ ଯାତ୍ରା ୫ ଦିନ ଧରି ଅନୁଷ୍ଠିତ ହେବ। ସେହିପରି ବ୍ଲକ ଅଧୀନ ଜଅଁରା ବାରିମୂଳ ପଞ୍ଚାୟତର ଲୁଣା ନଦୀ କୂଳରେ ଥିବା ପ୍ରସିଦ୍ଧ ଶୈବ ପୀଠ ଖଲାରେଶ୍ୱରଙ୍କ ପୀଠ ନିକଟରେ ସକାଳୁ ଶତାଧିକ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିଥିଲେ।

## ଗହୀରମଥାରୁ ୧ ଟ୍ରଲର ଜବତ: ୭ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୩।୪(ଡିଏନଏ)**

ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ଏକ ଟ୍ରଲରକୁ ବନବିଭାଗ କର୍ମଚାରୀମାନେ ବୁଧବାର ଜବତ କରିବା ସହିତ ଏଥିରେ ଥିବା ୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ମତ୍ସ୍ୟଜୀବୀଙ୍କ ମଧ୍ୟରେ ପଶ୍ଚିମବଙ୍ଗ କାନ୍ଥିର ବଳରାମ ମାଝି, ରାସଗୋବିନ୍ଦପୁରର ସନିଆ ସିଂ, ଧ୍ରୁବ ସିଂ, ବାଲେଶ୍ୱରର ଅନନ୍ତ ଖଟୁଆ, ନାହାକାଣୀର ପ୍ରଭାକର ମାଝି, ବାରିପଦାର ଜଗନ୍ନାଥ ରାୟ , ଧାମରାର ଶିବାନନ୍ଦ ଦଳାଇ ଅଛନ୍ତି। ଭଦ୍ରକ ଜିଲା ବଳରାମଗଡି ଅଞ୍ଚଳର ତାଜ ନାମକ ଏହି ଟ୍ରଲରରୁ ୬ କୁଇଣ୍ଟାଲ ମାଛ ସହିତ ୯ଟି ଜାଲ, ଗୋଟିଏ ଜିପିଏସ, ଗୋଟିଏ ଭିଏଚଏଫ ଜବତ କରାଯାଇଛି। ଗହୀରମଥା ଅତିରିକ୍ତ ବନସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ୮ଜଣିଆ ପଇଁତରା ଟିମ ବାବୁବାଲି ନିକଟରୁ ଏହି ଟ୍ରଲରକୁ ଜବତ କରିଥିଲେ।

# ଆଳିରେ ଭାଜପା କର୍ମୀ ସମ୍ମିଳନୀ

**ଆଳି, ୩।୪ (ଡି.ଏନ.ଏ.)**

ଆଳି ବିଧାନସଭା ଆସନ ପାଇଁ କଂଗ୍ରେସ, ବିଜେଡି ଓ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ୩ ପ୍ରମୁଖ ଦଳ ୩ ହେଭିୱେଟଙ୍କୁ ଟିକେଟ ଦେଇଥିବା ବେଳେ ନିର୍ବାଚନୀ ପ୍ରଚାର ଜୋରଦାର ଆରମ୍ଭ ହୋଇଛି। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ, କଂଗ୍ରେସର ଦେବେନ୍ଦ୍ର ଶର୍ମା ଓ ଭାଜପାର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ ନିର୍ବାଚନ ରଣାଙ୍ଗନରେ ଉତୀର୍ଣ୍ଣ ହୋଇଛନ୍ତି। ଭୋଟରଙ୍କ ନିକଟତର ହେବାକୁ ସମସ୍ତେ ପ୍ରୟାସ ଜାରି ରଖିଥିବା ବେଳେ ବୁଧବାର ପୂର୍ବାହ୍ନରେ ଆଳି ନିର୍ବାଚନମଣ୍ଡଳୀର ମହାଦେଇପାଟଣା ଯଜ୍ଞ ପଡିଆଠାରେ ଭାଜପାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ରଶ୍ମିରଞ୍ଜନ ବେହୁରାଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଶତାଧିକ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ପ୍ରାର୍ଥୀ ଦୋଳଗୋବିନ୍ଦ ନାୟକଙ୍କୁ ଜିତାଇବା ପାଇଁ ସମ୍ମିଳନୀରେ କର୍ମୀମାନେ ସଂକଳ୍ପ କରିଥିଲେ। ଏହି ଅବସରରେ ଭାଜପା ଜିଲା ଉପସଭାପତି ଭକ୍ତବନ୍ଧୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ରଥ, ସମୀର ପଣ୍ଡା, ସୁଧୀର ଦାସ, ଅଧିକାରୀ ଦାସ, ସସ୍ମିତା ସ୍ୱାଇଁ, ଶୁଶୀଳା ଦାସ, ଶ୍ରୀକାନ୍ତ ପାଣ୍ଡବ, ସଞ୍ଜୟ ରାଉତ, ବିଚିତ୍ର ଜୁଲି, ନଟବର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।


ସମ୍ମିଳନୀରେ ଭାଜପା ନେତା ଓ କର୍ମୀମାନେ।

## ଭାରତ-ପାକିସ୍ତାନ ସମ୍ପର୍କ ଶୀର୍ଷକ ଆଲୋଚନାଚକ୍ର

**ଡେରାବିଶ, ୩।୪ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ଭାରତ ପାକିସ୍ତାନ ସମ୍ପର୍କ' ଶୀର୍ଷକ ଏକ ଆଲୋଚନାଚକ୍ର ମଙ୍ଗଳବାର ଆୟୋଜିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧାପକ ବ୍ରଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଳେଶଚନା ଚକ୍ରରେ ଅଧ୍ୟକ୍ଷ ମଦନ ମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧାପକ ପ୍ରଦୀପ୍ତ କିଶୋର ଦାସ ଓ ଡା. ଲକ୍ଷ୍ମଣ କୁମାର ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀ ଚିନ୍ମୟୀ ଦାଶ, ସେଫାଳିକା ନାୟକ, ଦ୍ରୌପଦୀ ବେହେରା, ଚାନ୍ଦିନୀ କର, ସ୍ୱାତି ଶିବାନୀ ତ୍ରିପାଠୀ ଓ ତପସ୍ୱିନୀ ତ୍ରିପାଠୀ ସ୍ୱଲିଖିତ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ଅବନୀ ରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ପ୍ରଦୀପ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ମାର୍ଶାଘାଇରେ ଭାଜପା ଅସନ୍ତୁଷ୍ଟ କର୍ମୀଙ୍କ ମେଳି
# ଦଳୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟି ଦାବି ଜଣାଇବେ

**ମାର୍ଶାଘାଇ, ୩।୪ (ଡି.ଏନ.ଏ.)**

ଆଗାମୀ ସାଧାରଣ ନିର୍ବାଚନରେ ମହାକାଳପଡା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପାରୁ ପ୍ରାର୍ଥୀ ହୋଇଥିବା ବିଜୟ ପ୍ରଧାନଙ୍କୁ ପରିବର୍ତ୍ତନ କରି ତାଙ୍କ ସ୍ଥାନରେ ଦଳର ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ପ୍ରାର୍ଥୀ କରିବା ଦାବିରେ ଅସନ୍ତୁଷ୍ଟ ଥିବା ଦଳୀୟ କର୍ମୀମାନେ ଏକାଠି ହୋଇଛନ୍ତି । ବୁଧବାର ମାର୍ଶାଘାଇ କୁସୁନପୁର ଆଖଣ୍ଡଳମଣି ମନ୍ଦିର ପରିସରରେ ଅନୁଷ୍ଠିତ ଏକ ସଭାରେ ଏହି କର୍ମୀମାନେ ଯୋଗଦେଇ ଏ ନେଇ ବିସ୍ତୃତ ଆଲୋଚନା କରିଥିଲେ । ଏଥିରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ । ପରେ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ଓ ମହାକାଳପଡା ବ୍ଲକର ୪୮ ଗୋଟି ପଞ୍ଚାୟତରୁ ୨ ଜଣ ଲେଖାଏଁ କର୍ମୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ସେହି କମିଟି ଦଳୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଦାବି ଉପସ୍ଥାପନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ବରିଷ୍ଠ କର୍ମୀ କୁଳମଣି ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାରଦା ପ୍ରସନ୍ନ ବେଉରା,ଡମ୍ବରୁଧର ସାହାଣୀ ,କର୍ଣ୍ଣେଲ ଭାବଗ୍ରାହୀ ଝଟକସିଂ, ନାରୀନେତ୍ରୀ ମମତା ସାମନ୍ତରାୟ, ପ୍ରଶାନ୍ତ ସାହାଣୀ, ରଞ୍ଜନ ଚୌଧୁରୀ,ସରପଞ୍ଚ ଧ୍ରୁବ ଚରଣ ସାହୁ, ସମିତି ସଭ୍ୟ ଅଶେଷ ଖଟୁଆ,ପୂର୍ବତନ ସରପଞ୍ଚ ଅଚିନ୍ତ ମାଇତି ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବିଭୂତି ମହାନ୍ତି,ପୂର୍ବତନ ସରପଞ୍ଚ ଗଙ୍ଗାଧର ସାମଲ,ମଣିକୁଣ୍ଡା ସରପଞ୍ଚ ପ୍ରତାପ ରାଉତ,ବଳରାମ ନାୟକ,ଶିବପ୍ରସାଦ ନାୟକ,କୈଳାସ ବେଉରାଙ୍କ ସମେତ ବହୁ କର୍ମୀ ନିଜ ନିଜର ମତ ରଖି ପ୍ରାର୍ଥୀ ଚୟନ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ହେଁ ଦଳ ପାଇଁ ଲଢିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଗୁରୁବାର ଦଳୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟି ଦାବି ଉପସ୍ଥାପନ ସହିତ ଆଲୋଚନା କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥିର ହୋଇଛି।

# ନମତରାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ରାଜକନିକା, ୩।୪ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ନମତରା ପଞ୍ଚାୟତରେ ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ମୋର୍ଚ୍ଚା ସଭାନେତ୍ରୀ କନକଲତା ରାଉତ ଓ ସମ୍ପାଦିକା କମଳିନୀ ଯେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶତାଧିକ ମହିଳାକର୍ମୀ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚାୟତର ୬ଟି ୱାର୍ଡ ବୁଲି ଶଙ୍ଖ ଚିହ୍ନ ମାରିଥିଲେ। ଏଥିସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଶ୍ୱନାଥ ନାୟକ, ମନ୍ଦାକିନି ଜେନା, ଜ୍ୟୋତ୍ସ୍ନାରାଣୀ ବେହେରା, ରଶ୍ମିତା ସାହୁ, ସଞ୍ଜୁକ୍ତା ଯେନା, ପିଙ୍କି ଯେନା, ରଶ୍ମୀତା ସେଠୀ, ପ୍ରକାଶିନି ସାହୁ, ନିରୁପମା ସାହୁ, ପୂର୍ଣ୍ଣିମା ମଳିକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ବିଜେଡି କର୍ମୀମାନେ।

## ■ କାଳବୈଶାଖୀ ତାଣ୍ଡବ
# ଗରଦପୁରରେ କୁଆପଥର ବର୍ଷା

**ପାଟକୁରା, ୩।୪ (ଡି.ଏନ୍.ଏ.)**

କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ସନ୍ଧ୍ୟାରେ ଘଡ଼ଘଡ଼ି ସହ ପବନ ସାଙ୍ଗକୁ କୁଆପଥର ବର୍ଷା ହୋଇଥିଲା। ସନ୍ଧ୍ୟା ୫ଟାରୁ ବର୍ଷା ପବନ ଆରମ୍ଭ ହୋଇଥିବା ବେଳେ ପ୍ରାୟ ୨ଘଣ୍ଟା କାଳ ତାଣ୍ଡବ ରଚିଥିଲା। ଅନେକ ସ୍ଥାନରେ କୁଆ ପଥର ବର୍ଷା ଯୋଗୁ ବ୍ୟାପକ ପନିବରିବା ଫସଲ ଓ ମୁଗ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ମୁଗ କିଆରିରେ ଫୁଲ ଧରୁଥିବା ସମୟରେ ହିଁ କୁଆ ପଥର ବର୍ଷା ଯୋଗୁ ଫୁଲ ଝଡ଼ି ଚାଷ କ୍ଷତିହେବ ବୋଲି କେତେଜଣ ଚାଷୀ କହିଛନ୍ତି। ଗରଦପୁର ବ୍ଲକ ଅଧୀନ ବେଡାରୀ, କୂଳଡୁଠୀ, ସୋଲପାଟ, ଦଲୁଆଣି, ବିଚଣା, ଶ୍ରୀଚନ୍ଦନପୁର, ପରକଣା, ଯମୁନାବାଦ, ହରିଦାସପୁର, ଜଗଦଳପୁର, ପାଟକୁରା, ଜଗନ୍ନାଥପୁର, ସମସରା, ସିଙ୍ଗିଟିଆ, ଇନ୍ତାଲପୁର, ଗୋତ୍ରବିଲ, କିଣିଲୋ, ପାହିଲୋ,ଅନ୍ତେଇ, ମନ୍ତେଇ ଓ କୋଡଗାଁ ଆଦି ଗ୍ରାମରେ ଫସଲ ନଷ୍ଟ ହେବା ଆଶଙ୍କା ହେବା ନେଇ ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏଥିସହିତ ପାଟକୁରା ପଞ୍ଚାୟତର ଯମୁନାବାଦ ଓ ସିଙ୍ଗିଟିଆ ଗ୍ରାମରେ ଚାଷ କରାଯାଇଥିବା ସୂର୍ଯ୍ୟମୁଖୀ ଫୁଲରେ କୁଆପଥର ମାଡ ହେବା ଯୋଗୁ ଅଧିକାଂଶ ଫୁଲ ନଷ୍ଟ ହୋଇଯାଇଥିବା ଦେଖାଯାଇଛି। ଯମୁନାବାଦ, ଚକବାହାକୁଦ ଗ୍ରାମରେ କୃଷି ବିଭାଗ ପକ୍ଷରୁ ୬୦ ଏକର ଜମିରେ ସୂର୍ଯ୍ୟମୁଖୀ ଚାଷ କରାଯାଇଛି। ଚାଷୀଙ୍କୁ ମାଗଣାରେ ବିହନ, ସାର ଓ ଔଷଧ ଆଦି ଯୋଗାଇ ଦିଆଯାଇଛି। କିନ୍ତୁ କୁଆ ପଥର ମାଡ଼ ଯୋଗୁ ସୂର୍ଯ୍ୟମୁଖୀ ଫସଲ ନଷ୍ଟ ହେବା ନେଇ ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

**ମୁଗ ଫସଲ ନଷ୍ଟ ହେବା ଆଶଙ୍କା**

# ସ୍ୱାଧୀନ ପ୍ରାର୍ଥୀ ଅଜୟଙ୍କ ଶକ୍ତି ପ୍ରଦର୍ଶନ

**ରାଜନଗର/ ପଟ୍ଟାମୁଣ୍ଡାଇ, (ଡିଏନଏ/ସ୍ୱ.ପ୍ର) ୩।୪**

ଦଳୀୟ ଟିକେଟ ପାଇଁ ଲବି କରୁଥିବା ଭାଜପା ଯୁବନେତା ଅଜୟ ବେହେରା ନିରାଶ ହୋଇ ଶେଷରେ ରାଜନଗର ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ବୁଧବାର ଅପରାହ୍ନରେ ନିଜର ସାଥୀ ଓ ସମର୍ଥକମାନଙ୍କ ଗହଣରେ ଯାଇ ରିଟର୍ଣ୍ଣିଂ ଅଫିସର ତଥା ଏଡିଏମ ବସନ୍ତ କୁମାର ରାଉତଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଅଜୟ ଜଣେ ସୁସଂଗଠକ ଭାବେ କର୍ମୀ ମହଲରେ ବେଶ୍ ପରିଚିତ । ମାତ୍ର ତାଙ୍କୁ ଦଳୀୟ ଟିକେଟ ମିଳି ନ ଥିଲା । ଏହାର ପ୍ରତିବାଦରେ ତାଙ୍କ ସମର୍ଥକମାନେ ଭୁବନେଶ୍ୱରସ୍ଥ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଧାରଣା ଦେବା ସହ ଦିଲ୍ଲୀ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶେଷରେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କୁ ମିଳିଥିବା ଟିକେଟ ଦଳ କାଏମ ରଖିଥିଲା। ଏହାକୁ ବିରୋଧ କରି ବେହେରା ସ୍ୱାଧୀନ ଭାବେ ଲଢିବା ପାଇଁ ଅଣ୍ଟା ଭିଡି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ତାଙ୍କ ଜନ୍ମସ୍ଥାନ ରାଜନଗର ବ୍ଲକର ବାରଗାଁରେ। ଉପକୂଳ ଓଡିଶାର ଅନ୍ୟତମ ଶକ୍ତିପୀଠ ଭାବେ ଜଣାଶୁଣା ବାରଗାଁର ମା' ମାଟିଆମଙ୍ଗଳା ପୀଠରୁ ବେହେରା ମା'ଙ୍କ ଆର୍ଶୀବାଦ ନେଇ ନିଜ ସମର୍ଥକଙ୍କ ସହ ମୋଟର ସାଇକେଲ ଶୋଭାଯାତ୍ରାରେ ଯାଇ କେନ୍ଦ୍ରାପଡାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପୂର୍ବରୁ ବେହେରା ବିଜୁ ଜନତା ଦଳର ସକ୍ରିୟ ସଦସ୍ୟ ଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପାରେ ଯୋଗ ଦେଇଥିଲେ । ଏହାମଧ୍ୟରେ ଦିଲ୍ଲୀ ଠାରେ ପ୍ରବାସୀ ଓଡିଆମାନଙ୍କୁ ଏକାଠି କରି ଆମେ ଓଡିଆ ପ୍ରତିଷ୍ଠାନ ଗଠନ କରିବା ସହ ନିଜର ସାମାଜିକ କ୍ଷେତ୍ରକୁ ବଢାଇଛନ୍ତି। ତେବେ ଦଳ ତାଙ୍କୁ ଅଣଦେଖା କରିବାରୁ ସେ ନିଜର ରାଜନୈତିକ ପତିଆରାକୁ ପ୍ରମାଣିତ କରିବା ପାଇଁ ଏହି ବିଧାନସଭା ଆସନରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୋଟର ସାଇକେଲ ଶୋଭାଯାତ୍ରାରେ ରତି ରଞ୍ଜନ ପଟ୍ଟନାୟକ, ପ୍ରମୋଦ ପରିଡା, ବିପିନ ନାୟକ, ଦେବାଶିଷ ରାଉତ, ମଙ୍ଗୁଳି ଚରଣ ମହାନ୍ତି, ଶ୍ୟାମ ସୁନ୍ଦର ଭୂୟାଁ, ବାବୁରାମ ମଲ୍ଲିକ, ସର୍ବେଶ୍ୱର ଜେନା, ଗୌତମ ରାଉତ, ସୁଜିତ ମାଇତି, ଆଦିତ୍ୟ ପାତ୍ର, ଶୀତଲ ମଣ୍ଡଳ, ଜବାହାର ମଣ୍ଡଳ ପ୍ରମୁଖ ଆଗଧାଡିର ଭାଜପା କର୍ମୀମାନେ ସାମିଲ ହୋଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଓ ଏନଏସିର କର୍ମୀମାନେ ଶୋଭାଯାତ୍ରାରେ ଭାଗ ନେଇଥିଲେ । ପଟ୍ଟାମୁଣ୍ଡାଇ ବକ୍ତାରପୁର ଛକ, ବାଇପାସ ଛକ, ବଡମୂଳବସନ୍ତ ଛକ ନିକଟରେ ଶତାଧିକ କର୍ମୀ ସାମିଲ ହୋଇ ବିଭିନ୍ନ ସ୍ଲୋଗାନ ଦେଇ କେନ୍ଦ୍ରାପଡା ଏଡିଏମ ଅଫିସ ନିକଟରେ ପହଞ୍ଚିଥିଲେ। ଏହି ଅବସରରେ ବେହେରା ୪ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ । ଭାଜପା କର୍ମୀମାନଙ୍କ ସହିତ ଏକ ବିରାଟ ଶୋଭାଯାତ୍ରାରେ ଯାଇ ବେହେରାଙ୍କ ନାମାଙ୍କନ ଦାଖଲ ରାଜନଗର ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ନାମାଙ୍କନ ଦାଖଲ କରିବା ସମୟରେ ସେ କହିଛନ୍ତି ମୋର ହାଇକମାଣ୍ଡ ହେଉଛନ୍ତି ଭୋଟର। ସେବା ମନୋବୃତ୍ତି ନେଇ ରାଜନୀତିକୁ ଆସିଛି ବୋଲି ସେ କହିଛନ୍ତି।


ସମର୍ଥକମାନଙ୍କ ଗହଣରେ ସ୍ୱାଧୀନ ପ୍ରାର୍ଥୀ ଅଜୟ ବେହେରା ଶୋଭାଯାତ୍ରାରେ ଯାଉଛନ୍ତି।

**ରାଜନଗର ନିର୍ବାଚନମଣ୍ଡଳୀ**

## ସଂକ୍ଷେପରେ

### ମନ୍ଦିର କାନ୍ଥରୁ ହଟିଲା ଦଳୀୟ ନିର୍ବାଚନୀ ଚିହ୍ନ

**ରସୁଲପୁର,୩।୪(ଡିଏନଏ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନଠୁଆବର ପଞ୍ଚାୟତର କୃଷ୍ଣପଡା ଗ୍ରାମରେ ଆଦର୍ଶ ଆଚରଣବିଧି ଉଲଙ୍ଘନ ହୋଇଥିଲା। ଗ୍ରାମଦେବତୀ କୁଆଁଶୁଣି ମନ୍ଦିର କାନ୍ଥରେ ବିଜେଡିର ନିର୍ବାଚନୀ ଚିହ୍ନ ଅଙ୍କା ଯାଇଥିଲା। ଏହାକୁ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ହଟାଇ ଦିଆଯାଇଛି। ନିର୍ବାଚନ ପରିଚାଳନା ଓ ତଦାରଖ ପାଇଁ ଗଠନ ହୋଇଥିବା ସ୍କ୍ୱାର୍ଡ-୧ର ଅଧିକାରିଣୀ ଅତିରିକ୍ତ ତହସିଲଦାର ଶିତଲ ଅଗ୍ରୱାଲ ବୁଧବାର ପୂର୍ବାହ୍ନରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖି ଥିଲେ। ସରକାରୀ ସ୍ଥାନ ଓ ଗ୍ରାମ ମନ୍ଦିର କାନ୍ଥରେ ଚିତ୍ର ଅଙ୍କା ହୋଇଥିବାରୁ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ନେଇ ଅବଗତ ହୋଇଥିଲେ। ତତ୍କ୍ଷଣାତ ଉକ୍ତ ଚିତ୍ରକୁ ହଟାଇବାକୁ ନିର୍ଦ୍ଦେଶ ଦିଆଯିବାପରେ କାନ୍ଥରେ ଚିହ୍ନ ଓ ବିଜେଡି ପ୍ରାର୍ଥୀଙ୍କ ନାମ ଉପରେ ରଙ୍ଗ ବୋଳି ଦିଆଯାଇଥିଲା। ଏହାକୁ କେତେକ ଦଳୀୟ ସମର୍ଥକ ବିରୋଧ କରିଥିଲେ। ଧର୍ମଶାଳା ପୋଲିସ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ସୂଚନା ଥାଉକି, ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଖବର ଧରିତ୍ରୀରେ ରବିବାର ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଭାଜପା ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

# ବବି, ଗୌତମଙ୍କ ପାଇଁ ସମ୍ମାନର ଲଢେଇ

**ଯାଜପୁର ଅଫିସ,୩।୪**

ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଣବପ୍ରକାଶ ଦାସ(ବବି) ଦଳୀୟ ଟିକେଟ ପାଇବା ପରେ ରାଜନୈତିକ ପାଣିପାଗ ବେଶ୍ ସରଗରମ ହୋଇଛି। ଏହାସହ ପୂର୍ବରୁ ଭାଜପାର ଗୌତମ ରାୟ ପ୍ରାର୍ଥୀ ହୋଇ ପ୍ରଚାର ଜୋରସୋର ଚଳାଇଥିବାବେଳେ ମଙ୍ଗଳବାର ରାତିରେ କଂଗ୍ରେସର ସନ୍ତୋଷ ନନ୍ଦଙ୍କୁ ପ୍ରାର୍ଥୀ କରାଯାଇଛି। ସାରା ରାଜ୍ୟରେ ନବୀନ ଓ ମୋଦି ହାୱା ଚାଲିଥିବାରୁ ରାଜ୍ୟ ରାଜନୀତିରେ କ୍ଷମତାଶାଳୀ ବୋଲାଉଥିବା ନେତା ବବି ଓ ଭାଜପାର ଜିଲା ସଭାପତି ଗୌତମଙ୍କ ପାଇଁ ସମ୍ମାନର ଲଢେଇ ହେବ ବୋଲି ଚର୍ଚ୍ଚା ହେଉଛି। ଭାଜପା ପ୍ରାର୍ଥୀ ଗୌତମ ଦୀର୍ଘ ମାସ ହେଲା ଘରକୁ ଘର ବୁଲି ଭୋଟ ଭିକ୍ଷା ମାଗୁଥିବାବେଳେ ବିଜେଡିର ବବି ରାଜ୍ୟ ସଂଗଠନ କାର୍ଯ୍ୟରେ ମାତିଛନ୍ତି। ଅଧିକ ଆତ୍ମବିଶ୍ୱାସୀ ହୋଇ ବବି କେବଳ ନିଜର କର୍ମୀଙ୍କ ଉପରେ ଭରସା କରି ନିର୍ବାଚନୀ ବୈତରଣୀ ପାର ହେବାକୁ ଆଶା ରଖିଛନ୍ତି। ଏପଟେ ଗୌତମ ଦୁର୍ନୀତିମୁକ୍ତ ଶାସନ

### ଯାଜପୁର ନିର୍ବାଚନମଣ୍ଡଳୀ


ପ୍ରଣବ ପ୍ରକାଶ ଦାସ


ଗୌତମ ରାୟ

ସହ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମର ବିକାଶ କରିବେ ବୋଲି ପ୍ରତିଶ୍ରୁତି ଦେଇ ଭୋଟରଙ୍କୁ ମନାଇବାରେ ଲାଗିଛନ୍ତି। ଫଳରେ ବିଭିନ୍ନ ଦଳରୁ ପୁରୁଖା କର୍ମୀ ଓ ଯୁବ ସଂଗଠକମାନେ ଭାଜପାରେ ଯୋଗ ଦେଉଥିବା ଦେଖିବାକୁ ମିଳିଛି।

ଗତ ୫ବର୍ଷ ମଧ୍ୟରେ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଅନେକ ଆଖିଦୃଶିଆ ବିକାଶ ହୋଇଛି। ଜିଲା ସଦର ମହକୁମାର ନବେ କଳେବର ହୋଇଛି। ୨୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରି କୁସୁମା ପୋଖରୀର ସୌନ୍ଦର୍ଯ୍ୟକରଣ କରାଯାଇଛି। ଯାଜପୁର ପୌରପରିଷଦର ୧୫୦ବର୍ଷ ଓ ଜିଲାର ୨୫ବର୍ଷ ପୂର୍ତ୍ତି ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରାୟ ୧୫୦କୋଟି ଟଙ୍କାର ପ୍ୟାକେଜ ଦେଇଛନ୍ତି। ତେବେ ଏତେ ପରିମାଣ ଟଙ୍କାର ବିନିଯୋଗ ସଠିକ ଭାବେ ହୋଇ ନ ଥିବା ଏକ ଗୁରୁତର ଅଭିଯୋଗ ଉଠିଛି। ଏଯାଏ କୁସୁମା ପୋଖରୀରେ ହୋଇଥିବା ଖର୍ଚ୍ଚ ସର୍ବସାଧାରଣ ହୋଇପାରି ନାହିଁ। ଏପରିକି ସୂଚନା ଅଧିକାର ଆଇନ ବଳରେ କେତେକ ସୂଚନା କର୍ମୀ ତଥ୍ୟ ମାଗିଥିଲେ ହେଁ ତଥ୍ୟ ଦିଆଯାଉ ନ ଥିବା ଜଣାପଡିଛି। ଅନୁଦାନର ସିଂହଭାଗ ଅର୍ଥ ବାଟମାରଣା ହୋଇଥିବାବେଳେ ନିମ୍ନମାନର କାର୍ଯ୍ୟ ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ଏହାବାଦ ଗ୍ରାମାଞ୍ଚଳର ବିକାଶ ସେତେଟା ହୋଇ ପାରି ନାହିଁ। ଏବେବି ଯାଜପୁର ବ୍ଲକର ଅଧିକାଂଶ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ରହିଛି। କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ରିପୋର୍ଟରେ ହାଉସିଂ ଫର ଅଲ ଯୋଜନାରେ ଝୁମ୍ପୁଡିବାସୀଙ୍କ ନାମରେ ହୋଇଥିବା ଦୁର୍ନୀତି ଅନ୍ୟଏକ ଉଦାହରଣ ହୋଇଛି। ଏହାବାଦ ଏକଚାଟିଆ ଶାସନ ଓ କେତେକ କର୍ମୀଙ୍କୁ ଉପେକ୍ଷା କାରଣରୁ ଗତ ଫେବୃୟାରୀ ୩ତାରିଖରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରାଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ କଂଗ୍ରେସର ହାତ ଧରିଥିଲେ। ଏହା ଯାଜପୁର ବିଜେଡିକୁ ଶକ୍ତ ଧକ୍କା ଲାଗିଥିଲା। ଏହାପରେ ଟିକେଟ ନାଟକ ଆରମ୍ଭ ହୋଇଥିଲା। ବବି ପ୍ରଥମେ କୋରେଇ ଆସନରେ ଠିଆ ହେବାକୁ ମନ ବଳାଇଥିଲେ। ଯାଜପୁରରେ ଜଣେ ସାଧାରଣ ମହିଳାଙ୍କୁ ପ୍ରାର୍ଥୀ କରିବାକୁ କର୍ମୀମାନଙ୍କ ମତ ନେଇଥିଲେ। କିନ୍ତୁ ଏହି ଦୁଇ ମତରେ କର୍ମୀମାନେ ଅରାଜି ହୋଇଥିଲେ। ଶେଷରେ ବାଧ ହୋଇ ଯାଜପୁର ଆସନରେ ପ୍ରାର୍ଥୀ ହୋଇଛନ୍ତି। ଏହିସବୁ ଖବର ବିଭିନ୍ନ ଗଣମାଧ୍ୟମରେ ପୃଷ୍ଠା ମଣ୍ଡନ କରିଥିବାରୁ କିଛି ବୁଦ୍ଧଜୀବୀ ମହଲରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଯାହାକି ନିର୍ବାଚନକୁ ପ୍ରଭାବିତ କରିପାରେ ବୋଲି ଚର୍ଚ୍ଚା ହେଉଛି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପାର ଭୋଟହାର ଦୁଇଗୁଣ ବୃଦ୍ଧି ହେବା ଦଳର କର୍ମୀମାନଙ୍କୁ ଉତ୍ସାହିତ କରିଛି। ୨୦୦୦ରୁ ବିଜେଡି ଏଠାରେ ଲଗାତାର ବିଜୟୀ ହୋଇ ଆସିଛି। ତେବେ ୨୦୦୯ରେ ଗୌତମ ରାୟ ଏଠାରୁ ଭାଜପା ପ୍ରାର୍ଥୀ ହୋଇଥିଲେ। ହେଲେ ସେ ପରାଜିତ ହେବାରୁ ସେବେଠୁ ନିରବୀ ଯାଇଥିଲେ। ୨୦୧୪ରେ ଭାଜପା କେନ୍ଦ୍ରରେ କ୍ଷମତାଶୀନ ହେବା ପରେ ସେ ଦଳକୁ ଫେରି ସଂଗଠନକୁ ସଜାଡିବାରେ ଲାଗି ପଡିଛନ୍ତି। ତେଣୁ ଏଥର ନିର୍ବାଚନ ଘମାଘୋଟ ଲଢେଇ ହେବ ବୋଲି ଚର୍ଚ୍ଚା ହେଉଛି।

### ଭାଜପାର ୪ ବିଧାନସଭା ଆସନର ପ୍ରାର୍ଥୀ ତାଲିକା

**ଭୁବନେଶ୍ୱର,୩।୪ (ବ୍ୟୁରୋ)**

ଭାଜପା ପକ୍ଷରୁ ବୁଧବାର ଆଉ ୪ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଚମ୍ପୁଆ ଆସନ ପାଇଁ ଦଳ ମୁରଲୀ ଶର୍ମାଙ୍କୁ ଟିକେଟ ଦେଇଛି। ଏହି ଆସନରେ ବିଜେଡି ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ଭୋଗରାଇ ଆସନ ପାଇଁ ମାନସ ମହାନ୍ତି ଏବଂ ବସ୍ତା ଆସନରୁ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କୁ ଦଳ ଟିକେଟ ଦେଇଛି। ରଘୁନାଥ ମଙ୍ଗଳବାର ଭାଜପାରେ ଯୋଗ ଦେଇଥିଲେ। ସେହିପରି ନିଆଳି ଆସନରୁ ଦଳ ଛବି ମଲ୍ଲିକଙ୍କୁ ଟିକେଟ ଦେଇଛି।

### ନାଳରୁ ନବଜାତ ଶିଶୁ କନ୍ୟା ମୃତଦେହ ଉଦ୍ଧାର

**କୋରେଇ,୩।୪(ସ୍ୱ.ପ୍ର)**

ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ମହମ୍ମଦଜମାଲପୁର (ପରିଡା ସାହି) ନିକଟ ରାସ୍ତାକଡ଼ରେ ଥିବା ଏକ ନାଳରୁ ବୁଧବାର ସକାଳେ ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର କରାଯାଇଛି। ଖବର ପାଇ ପାଣିକୋଇଲି ପୋଲିସ ସାମାଜିକ କର୍ମୀ ତାରିଣୀ ପଟ୍ଟନାୟକଙ୍କ ସହାୟତାରେ ମୃତଦେହକୁ ଉଦ୍ଧାର କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ-୪/୧୯) ରୁଜୁ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ଶିଶୁ କନ୍ୟାଟି କାହାର ଓ ସେଠାକୁ କିପରି ଆସିଲା ସେ ସମ୍ପର୍କରେ କୌଣସି ତଥ୍ୟ ମିଳିପାରି ନାହିଁ।

### ଓଲଟିଲା ମାଛ ଟ୍ରକ, ବୋହିନେଲେ ଲୋକେ

**କୋରେଇ,୩।୪(ସ୍ୱ.ପ୍ର)**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ସାନ ବିରୁହାଁ(ଟିକର) ଗ୍ରାମ ନିକଟ ବିଳମ୍ବିତ ରାତିରେ ଏକ ମାଛ ବୋଝେଇ ଟ୍ରକ (ଓଆର୦୨ଏଏଚ ୬୮୪୮) ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ଯାତାୟତ ବନ୍ଦ ହୋଇଥିଲା। ଶହ ଶହ ଗାଡି ରାସ୍ତା ଉପରେ ଅଟକି ରହିଥିଲା। ଏହାର ସୁଯୋଗରେ ଲୋକେ ମାଛ ବୋହି ନେଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳେ ପହଞ୍ଚି ରାସ୍ତାରୁ ଗାଡ଼ି ଉଠାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ତେବେ ଲୋକେ ମାଛ ବୋହି ଚାଲିଥିବାରୁ ଭିଡରୁ ପୋଲିସକୁ ଉଭୟ ଗାଡି ଓ ମାଛ ଉଦ୍ଧାର କରିବାକୁ ନାକେଦମ ହେବାକୁ ପଡିଥିଲା।

# ଅଶୋକଙ୍କ ବିରୋଧରେ ଆକାଶ ସମର୍ଥକଙ୍କ ମେଳି


ପାଣିକୋଇଲି ତାରିଣୀ ମନ୍ଦିର ପ୍ରାଙ୍ଗଣରେ ମେଳି ହୋଇଥିବା ଆକାଶଙ୍କ ସମର୍ଥକ।

**କୋରେଇ ,୪।୪(ସ୍ୱ.ପ୍ର.)**

କୋରେଇ ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଅଶୋକ ବଳଙ୍କୁ ପ୍ରାର୍ଥୀ ଘୋଷଣା କରିବାପରେ ବିଧାୟକ ଆକାଶ ଦାସନାୟକଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ରାତିରେ ବିଧାୟକଙ୍କ ବାସଭବନରେ ସମର୍ଥକମାନେ ଏକଜୁଟ ହୋଇଥିବାବେଳେ ବୁଧବାର ପାଣିକୋଇଲି ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଅଶୋକ ଦାସଙ୍କୁ ହରାଇ ବିଜେଡି-ଭାଜପା ମେଣ୍ଟ ପ୍ରାର୍ଥିନୀ ସଞ୍ଚିତା ମହାନ୍ତି ୨୦୦୪ରେ ବିଜୟୀ ହୋଇଥିଲେ। ୨୦୦୯ରେ ବିଜେଡି-ଭାଜପା ମେଣ୍ଟ ଭାଙ୍ଗିବା ପରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଘଡ଼େଇଙ୍କ ପୁଅ ପ୍ରୀତିରଞ୍ଜନ କୋରେଇରେ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିଜୟ ହୋଇଥିଲେ। ୨୦୧୪ରେ ପ୍ରୀତିଙ୍କ ବଦଳରେ ଆକାଶ ଦାସନାୟକ ବିଜେଡି ପ୍ରାର୍ଥୀ ହୋଇ ନିର୍ବାଚିତ ହୋଇଥିଲେ। ବିଜେଡିର କୋରେଇ ପ୍ରତି ବୈମାତୃକ ମନୋଭାବ ହେତୁ ପ୍ରତି ୫ବର୍ଷରେ ପ୍ରାର୍ଥୀ ବଦଳା ଯାଉଥିବାରୁ କୋରେଇ ବିକାଶରେ ବାଧା ସୃଷ୍ଟି ହେଉଛି ଓ ଗୋଷ୍ଠୀବାଦ ରାଜନୀତି ସୃଷ୍ଟି ହେଉଛି। ଦଳର ସଭାପତି ତାଙ୍କ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରି ଆକାଶଙ୍କୁ ପ୍ରାର୍ଥୀ ନ କଲେ ବିଜେଡିର ଅନେକ ନେତା ଓ କର୍ମୀ ସାମୁହିକ ଇସ୍ତଫା ଦେବେ ବୋଲି ୩ନଂ ଜିଲା ପରିଷଦ ସଭ୍ୟ ଧରଣୀଧର ଘଡ଼େଇ ବୈଠକରେ ପ୍ରକାଶ କରିଛନ୍ତି। ଗୁରୁବାର ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଲିଖିତ ଭାବେ ଏବିଷୟରେ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ରାଜ୍ୟ ବିଜେଡି ସମ୍ପାଦକ ପ୍ରୀତିରଞ୍ଜନ ସାହୁ, ଜିଲା ବିଜେଡି ସମ୍ପାଦକ ସୁବାସ ଧଳ, କରଦା ସରପଞ୍ଚ ଗଣେଶ ସାହୁ, ପଟିକୋଟ ସରପଞ୍ଚ ମହେନ୍ଦ୍ର ସିଂ, ଅନ୍ଧାରୀ ସମିତି ସଭ୍ୟ କୁଳମଣି ଦାସ, ବନ୍ଧାଳ ସରପଞ୍ଚ ସୁରେଖା ସେଠୀ, କନ୍ତୋର ସମିତିସଭ୍ୟ ଅଶୋକ ବାରିକ, ସରପଞ୍ଚ ରୁନୁ ଭୁୟାଁ, ରାଜେନ୍ଦ୍ର ରାଉତ, ବଳରାମ ସାହୁ, ବଳରାମ ସେଠୀ, ସୁବାସ ବଳ, ପିନାକି ଦାସ, ପ୍ରହଲ୍ଲାଦ ପଣ୍ଡା, ନିରଞ୍ଜନ ବାରିକ, ଜହର ଅଲ୍ଲୀ, ବଳରାମ ରାଉତ, କାର୍ତ୍ତିକ ସାହୁ, ରାମ ବେହେରା, ଗୋପିନାଥ ପତି, ବିଜୟ ଦାସ, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଆକାଶଙ୍କୁ ପ୍ରାର୍ଥୀ ନ କଲେ ସାମୂହିକ ଇସ୍ତଫା ଦେବେ କର୍ମୀ

# ବିନା ଅନୁମତିରେ ବିଜେଡିର ବାଇକ ଶୋଭାଯାତ୍ରା

**ଯାଜପୁର ରୋଡ,୩।୪(ନି.ପ୍ର.)**

- ବ୍ୟାସନଗର ସହରରେ ୧ ଘଣ୍ଟା ଟ୍ରାଫିକ ଜାମ
- ପୋଲିସ, ପ୍ରଶାସନ ନୀରବ

ଯାଜପୁର ଜିଲା ବ୍ୟାସନଗର ସହରରେ ବୁଧବାର ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନର ସୀମା ଟପିଛି। ଜିଲା ପ୍ରଶାସନ ଓ ପୋଲିସ ଏହା ବିରୋଧରେ ମୁହଁ ଖୋଲିବାର ସାହାସ ଜୁଟାଇ ପାରି ନାହାନ୍ତି। ବୁଧବାର ଅପରାହ୍ନ ୪ଟାରେ ବ୍ୟାସନଗର ସହରର ଦଳାଛକ ନିକଟରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ଅଶୋକ ବଳଙ୍କ ବାଇକ ଶୋଭାଯାତ୍ରା ସହରବାସୀଙ୍କୁ ଅତିଷ୍ଠ କରି ପକାଇଥିଲା। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱ ପ୍ରାୟ ୧ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ଖବର ପାଇ ଯାଜପୁରରୋଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଅନୁମତି ନିଆଯାଇଛି କି ନାହିଁ ସେ ସମ୍ପର୍କରେ କୌଣସି ପଚରାଉଚୁରା ନ କରି ବାଇକ ଶୋଭାଯାତ୍ରା ଦଳକୁ ଅକୁଣ୍ଠ ସମର୍ଥନ କରିଥିଲେ। ଏଥିରେ କେତେକ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେବାରୁ ସେମାନେ ପ୍ରତିବାଦ କରିଥିଲେ। ମାତ୍ର ପୋଲିସର ଓଲଟା ନାଲିଆଖିର ସମ୍ମୁଖୀନ ହୋଇ ଚୁପ ରହିବାକୁ ବାଧ ହୋଇଥିଲେ। ନିର୍ବାଚନ ଆଚରଣ ବିଧିର ଆଇନ ଅନୁସାରେ ଯେକୌଣସି ରାଲି କିମ୍ବା ସଭା କରିବାର ୨ ଦିନ ପୂର୍ବରୁ ପୋଲିସ ପ୍ରଶାସନର ଅନୁମତି ନେବା କଥା। ଅନୁମତି ନେବା ପରେ ପୋଲିସ ପୂର୍ବରୁ ସେହି ଅଞ୍ଚଳରେ ରାଲି ପାଇଁ ବ୍ୟବସ୍ଥିତ କରି ପୂର୍ବରୁ ପୋଲିସ ମୂତୟନ ରହିବେ।


ବିଜେଡିର ବାଇକ ଶୋଭାଯାତ୍ରାବେଳେ ସୃଷ୍ଟି ହୋଇଥିବା ଟ୍ରାଫିକ ଜାମ।

କିନ୍ତୁ ଏହି ଶୋଭାଯାତ୍ରାରେ କୌଣସି ଆଇନର ପାଳନ ହୋଇ ନ ଥିଲା। ଆରମ୍ଭରୁ ପୋଲିସ ମଧ୍ୟ ଉପସ୍ଥିତ ରହିବାର ଦେଖାଯାଇ ନ ଥିଲା। ଫଳରେ ବ୍ୟାସନଗରବାସୀ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବହୁ ସାଧାରଣ ଲୋକ ନିର୍ଦ୍ଧାରିତ ସମୟରେ ତାଙ୍କ ଗନ୍ତବ୍ୟସ୍ଥଳକୁ ଯାଇ ପାରି ନ ଥିଲେ। ଯାଜପୁରରୋଡ ଥାନା ପୋଲିସ ଆସି ରାସ୍ତା ଅବରୋଧ ହଟାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଶାସକ ଦଳର ପ୍ରାର୍ଥୀଙ୍କ ଲୋକ ହୋଇଥିବାରୁ ଅବରୋଧକାରୀ ପୋଲିସ କଥାକୁ ଶୁଣି ନ ଥିଲେ। ନିରପେକ୍ଷ ଓ ଅବାଧ ନିର୍ବାଚନରେ ପୋଲିସ ପ୍ରଶାସନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ସଦାସର୍ବଦା ଗୁରୁତ୍ୱାରୋପ କରୁଛନ୍ତି। କିନ୍ତୁ ଏଠାରେ ପ୍ରଶାସନର ଆଇନକୁ ନ ମାନି ବାଇକ ଶୋଭାଯାତ୍ରା କରିବା କେତେ ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠିଛି। ଏହି ଆଇନ ବିରୋଧି କାର୍ଯ୍ୟ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଆଚରଣ ବିଧି ଆଇନ ଅନୁସାରେ ୨ଦିନ ପୂର୍ବରୁ ଅନୁମତି ନେବା କଥା। ଯଦି ଅନୁମତି ନିଆ ନ ଯାଇଛି ତେବେ ଆବଶ୍ୟକ ତଦନ୍ତ ହେବ ବୋଲି ମିଶ୍ର କହିଛନ୍ତି।

- କମିଟିର ଅଗଣତାନ୍ତ୍ରିକ କାର୍ଯ୍ୟକୁ ବିରୋଧ

# ସିଂହାପୁର ଯାତ୍ରା କମିଟିରୁ ସରପଞ୍ଚଙ୍କ ଇସ୍ତଫା

**ରସୁଲପୁର,୩।୪(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ପୁରାଣ ପ୍ରସିଦ୍ଧ ସିଂହାପୁର ଯାତ୍ରା କମିଟି ବିରୋଧରେ ସ୍ଥାନୀୟ ସରପଞ୍ଚ ଆରତୀ ପହି ମୁହଁ ଖୋଲିଛନ୍ତି। କମିଟି ଗଣତାନ୍ତ୍ରିକ ଧାରା ଅନୁସାରେ କାର୍ଯ୍ୟ କରୁନାହିଁ ବୋଲି ଅଭିଯୋଗ କରି ପହି କମିଟିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର କମିଟି ସଭାପତିଙ୍କ ନିକଟକୁ ପଠାଇଛନ୍ତି। ଯାହାକି କମିଟି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଆସନ୍ତା ୧୪ ତାରିଖରେ ସିଂହାପୁର ଯାତ୍ରା ଆରମ୍ଭ ହେବ। ଯାତ୍ରା ଆରମ୍ଭ ପୂର୍ବରୁ କମିଟିରେ ବିଶୃଙ୍ଖଳା ଯାତ୍ରା ପରିଚାଳନାରେ ଅସୁବିଧା ସୃଷ୍ଟି କରିବାର ସମ୍ଭାବନା ଦେଖାଦେଇଛି।

ପ୍ରକାଶ ଯେ, ଐତିହାସିକ ଯାତ୍ରା କମିଟିକୁ ଅସମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ସରପଞ୍ଚ ଦର୍ଶାଇଛନ୍ତି। ଏଠାରେ କର୍ମକର୍ତ୍ତା ଓ ସଦସ୍ୟଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉ ନାହିଁ। କମିଟି ବହୁ ପୁରୁଣା ହେଲେ ବି ତାହା ପଞ୍ଜୀକୃତ ହୋଇ ନାହିଁ। ବ୍ୟକ୍ତିଗତ ନିଷ୍ପତ୍ତି କମିଟିର ନିଷ୍ପତ୍ତିରେ ପରିଣତ ହେଉଛି। କମିଟି ଚଳାଇବା ସକାଶେ କୌଣସି ନିୟମାବଳୀ ଓ ସର୍ତ୍ତାବଳି ରଖାଯାଇ ନାହିଁ। ଏହିଭଳି ଅଣସାମ୍ବିଧାନିକ କମିଟିରେ ସଦସ୍ୟ ରହିବା ଅନୁଚିତ। ଉକ୍ତ କମିଟିରେ ସ୍ଥାନୀୟ ଜନସାଧାରଣ ଓ ଶ୍ରଦ୍ଧାଳୁଙ୍କ ସ୍ୱାର୍ଥ, ସୁବିଧା ଉପରେ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସେ କମିଟିରୁ ଇସ୍ତଫା ଦେଇଥିବା ପ୍ରକାଶ କରିଛନ୍ତି।

### ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

**ଯାଜପୁର ଅଫିସ,୩।୪:** ଯାଜପୁର ସହରରେ ବୁଧବାର ସନ୍ଧ୍ୟାରେ ଲୁଟେରାମାନେ ଏକ ବାଇକ୍‌ରେ ଆସି ବାଇକରେ ଯାଉଥିବା ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟି ନେଇଛନ୍ତି। ପ୍ରକାଶ ଯେ, କେନ୍ଦ୍ରାପଡ଼ା ଅଞ୍ଚଳର କମଳ ରଞ୍ଜନ ପାଇକରାୟ ଏବଂ ତାଙ୍କ ସ୍ତ୍ରୀ ବାଇକ୍ ଯୋଗେ ଦଶରଥପୁରରୁ ଯାଜପୁର ଟାଉନ ଅଭିମୁଖେ ଯାଉଥିବାବେଳେ ହଠାତ୍ ଦମକଳ ଅଫିସ ପାଖରେ ପଟେ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ୨ଜଣ ଲଟେରା ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟି ନେଇ ପଳାଇ ଯାଇଥିଲେ। ଟାଉନ ଥାନା ପୋଲିସ ତଦନ୍ତ ଜାରି ରଖିଛି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଈଶ୍ୱର ଆମକୁ ହାତ ଦେଇଛନ୍ତି ପରିଶ୍ରମ କରି ବଞ୍ଚିବା ପାଇଁ, ଲୁଣ୍ଠନ, ଚୋରି ବା ବଳାତ୍କାର ପାଇଁ ନୁହେଁ।
- ଆଇଜାକ୍ ୱାଟ୍ସ



# ୩ ଫାଳ ହୋଇଛି କୋରେଇ ବିଜେଡି

ଯାଜପୁର ଅଫିସ,୩।୪

ଚଳିତ ନିର୍ବାଚନ ଯାଜପୁର ଜିଲା ବିଜେଡିକୁ ଘାତକ ସାଜିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ୨୦୧୪ ବିଧାନସଭା ନିର୍ବାଚନରେ କଂଗ୍ରେସରେ ଗୋଷ୍ଠୀ କନ୍ଦଳ ଯେଉଁଭଳି ପରିସ୍ଥିତି ସୃଷ୍ଟି କରିଥିଲା ଏବେ ସେହି ଅବସ୍ଥା ବିଜେଡି ଉପରେ ପଡିବାର ସମ୍ଭାବନା ସୃଷ୍ଟି ହୋଇଛି। କୋରେଇ ନିର୍ବାଚନମଣ୍ଡଳୀରେ ବିଧାୟକ ଆକାଶ ଦାସନାୟକଙ୍କ ସ୍ଥାନରେ ଅଶୋକ ବଳ ଓ ବରୀ ନିର୍ବାଚନମଣ୍ଡଳୀରେ ବିଧାୟକ ଦେବାଶିଷ ନାୟକଙ୍କ ସ୍ଥାନରେ ସୁନନ୍ଦା ଦାସଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା କରିବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ପରିବର୍ତ୍ତନ ବିଜେଡି ପାଇଁ ଲାଭଦାୟକ ହେବ ବୋଲି ଆଶା କରାଯାଉଥିଲେ ମଧ୍ୟ ବାସ୍ତବତା କିନ୍ତୁ ଭିନ୍ନ ବୋଲି ଚର୍ଚ୍ଚା ହେଉଛି। ଏହି ଦୁଇ ନିର୍ବାଚନମଣ୍ଡଳୀର ପ୍ରଭାବ ଅନ୍ୟ ନିର୍ବାଚନମଣ୍ଡଳୀ ଉପରେ ପଡ଼ିପାରେ ବୋଲି ମଧ୍ୟ କୁହାଯାଉଛି। ସମ୍ପ୍ରତି କୋରେଇରେ ବିଜେଡିର ୨ଗୋଷ୍ଠୀ ବିଦ୍ରୋହୀ ହୋଇଥିବାବେଳେ ଏହା ୩ଫାଳର ରୂପ ନେଇଛି । ତେବେ ବରୀରେ ବିଦ୍ରୋହୀ ଦେଖାଦେଇ ନ ଥିଲେ ସୁଦ୍ଧା ପ୍ରାର୍ଥୀ ଘୋଷଣାକୁ ନେଇ ବିଜେଡିର ବହୁ ପୁରୁଖା କର୍ମୀଙ୍କ ମଧ୍ୟରେ ଆନ୍ତରିକତା କମିଯାଇଥିବା ଭଳି ମନେ ହେଉଛି। ଏହାର ଫାଇଦା ନେବାକୁ ବିରୋଧୀ ଭାଜପା ଓ କଂଗ୍ରେସ ଜୋରସୋର ଉଦ୍ୟମ ଜାରି ରଖିଛନ୍ତି।



ଅଶୋକ ବଳ



ଆକାଶ ଦାସନାୟକ

- ସ୍ୱାଧୀନ ଭାବେ ଲଢ଼ି ପାରନ୍ତି ଆକାଶ
- ବିରୋଧୀ କର୍ମୀ ମହଲରେ ତତ୍ପରତା
- ଅନ୍ୟ ନିର୍ବାଚନମଣ୍ଡଳୀ ଉପରେ ପଡ଼ିପାରେ ପ୍ରଭାବ
- ବରୀରେ କୁହୁଳୁଛି ବିରୋଧାଭାସ

୨୦୦୯ ନିର୍ବାଚନରେ କୋରେଇରୁ ପ୍ରୀତିରଞ୍ଜନ ଘଡ଼େଇ(ଡାନି) ବିଜେଡିରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୨୦୦୯ରୁ ୧୪ମଧ୍ୟରେ ଡାନିଙ୍କ ସମର୍ଥକ ତଥା ବିଜେଡି କର୍ମୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ସେହି ସମୟରେ ବ୍ୟାସନଗର ପୌରପରିଷଦକୁ ବିଜେଡି ହାତେଇବାରେ ମଧ୍ୟ ସମର୍ଥ ହୋଇଥିଲା। କିନ୍ତୁ ୨୦୧୪ ନିର୍ବାଚନ ସମୟରେ ପ୍ରଫୁଲ୍ଲ ଘଡ଼େଇଙ୍କୁ ବିଜେଡିରୁ ବହିଷ୍କାର କରିବା ପରେ ସୁକିନ୍ଦା ଆସନ ପାଇଁ ତାଙ୍କ ପୁତ୍ର ଡାନିଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ଏଭଳି ଭାବରେ କୋରେଇରେ ଏକ ସମର୍ଥକ ଗୋଷ୍ଠୀକୁ ଡାନି ଛାଡ଼ି ଯାଇଥିଲେ। ଡାନିଙ୍କ ସ୍ଥାନରେ କୋରେଇରେ ଅଭିନେତା ଆକାଶ ଦାସନାୟକ ବିଜେଡିରୁ ପ୍ରାର୍ଥୀ ହୋଇ ବିଜୟୀ ହେବାପରେ ଏକ ନୂତନ ସ୍ୱତନ୍ତ୍ର ବିଜେଡି ଗୋଷ୍ଠୀ ମୁଣ୍ଡ ଟେକିଥିଲା। ଗତ ପଞ୍ଚାୟତ ନିର୍ବାଚନର ସମିତି ଗଠନରେ ଆକାଶ ସେତେଟା ସଫଳତା ପାଇ ପାରି ନ ଥିଲେ। ତେଣୁ ଚଳିତ ନିର୍ବାଚନରେ ଆକାଶଙ୍କୁ ବାଦ ଦେଇ ଅଶୋକ ବଳଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏବେ ଅଶୋକ ବଳଙ୍କ କିଛି ସ୍ୱତନ୍ତ୍ର ସମର୍ଥକ ବାହାରୁଛନ୍ତି। ଏଭଳି ଭାବରେ ଗତ ୧୦ ବର୍ଷ ମଧ୍ୟରେ କୋରେଇ ବିଜେଡି ୩ଫାଳ ହୋଇଛି। ଯାହାର ଫାଇଦା ନେବାକୁ ବିରୋଧୀ ଭାଜପା ଓ କଂଗ୍ରେସ ପାଇଁ ପଥ ସୁଗମ ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ସମିତି ଗଠନ କରିବାରେ କଂଗ୍ରେସ ସଫଳତା ପାଇଥିଲା। ଏହାପରେ ବିଶ୍ୱଜିତ ଅଧିକାଂଶ ପଞ୍ଚାୟତ ନେତୃବର୍ଗଙ୍କ ସହ ଭାଜପାରେ ପାଦ ଥାପିଥିଲେ। ବିଶ୍ୱଜିତଙ୍କୁ ଭାଜପା ଏଥର ପ୍ରାର୍ଥୀ କରିଛି। ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡା କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ବ୍ୟାସନଗର ପୌରପରିଷଦରେ ଅନାସ୍ଥା ପ୍ରସ୍ତାବ ଆଗତ କରିବାରେ ବନ୍ଦିତା ପ୍ରମୁଖ ଭୂମିକା ନେଇଥିଲେ। ଚଳିତ ନିର୍ବାଚନରେ ନବୀନ ହାୱା ସତ୍ତ୍ୱେ କୋରେଇରେ ବିଜେଡି ଏବେ ଦୁର୍ବଳ ଅବସ୍ଥାରେ ପହଞ୍ଚିଛି। ୨୦୦୯ରୁ ଡାନି ଓ ୨୦୧୪ରୁ ଆକାଶଙ୍କ ସମର୍ଥକ ରହିଥିବାବେଳେ ଅଶୋକ କିନ୍ତୁ ନେତା ଖୋଜି ପାଉନାହାନ୍ତି। କେତେକ ଅସନ୍ତୁଷ୍ଟ ବରିଷ୍ଠ କର୍ମୀ ଦଳ ଭିତରେ ଥିଲେ ସୁଦ୍ଧା ଆନ୍ତରିକତା ଦେଖାଉ ନ ଥିବା ଭଳି ମନେ ହେଉଛି । ତେଣୁ ଅଶୋକ ଦଳର କେତେକ ଅସନ୍ତୁଷ୍ଟ ଓ ନୂଆ କରି ଯୋଗଦେଇଥିବା କର୍ମୀ ଉପରେ ନିର୍ଭର କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରିବେ ବୋଲି ଜଣାପଡୁଛି। ବୁଧବାର ଆକାଶଙ୍କ ଏକ ସମର୍ଥକ ଗୋଷ୍ଠୀ ପାଣିକୋଇଲିଠାରେ ବୈଠକ କରି ଅଶୋକଙ୍କୁ ସମ୍ପୂର୍ଣ୍ଣ ଭାବେ ବିରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ଆକାଶଙ୍କୁ ସ୍ୱାଧୀନ ଭାବେ ପ୍ରାର୍ଥୀ କରାଇବାକୁ ଅନୁରୋଧ କରାଯିବ ବୋଲି କର୍ମୀ ମହଲରେ ପ୍ରସ୍ତାବ ରହିଛି। ଏହି ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱୀ ଦଳ ଭାବରେ ଭାଜପା ଧୀରେ ଧୀରେ ଅଧିକ ଶକ୍ତିଶାଳୀ ହେବାରେ ଲାଗିଛି।

ବରୀ ନିର୍ବାଚନମଣ୍ଡଳୀରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ୨୦୦୦ରୁ ଦେବାଶିଷ ନାୟକ ଲଗାତାର ବିଧାୟକ ନିର୍ବାଚିତ ହୋଇ ଏକ ଦୃଢ଼ ସମର୍ଥକ ଗୋଷ୍ଠୀ ଛାଡ଼ି ଯାଇଛନ୍ତି। ଏଥର ସେ ଟିକେଟ ନ ପାଇବାରୁ ସେହି ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ କାରଣରୁ ବିଧାୟକ ନାୟକଙ୍କୁ ଦଳର ଅଧିକାଂଶ କର୍ମୀ ଚାହୁଁ ନ ଥିଲେ ହେଁ ସକାଳେ ଭାଜପାରୁ ବିଜେଡିରେ ମିଶିଥିବା ସୁନନ୍ଦାଙ୍କୁ ସେହିଦିନ ସନ୍ଧ୍ୟାରେ ଟିକେଟ ଦେବା ଅନ୍ୟ ଆଶାୟୀଙ୍କୁ ବିଚଳିତ କରିଛି। ତେବେ ଦଳରୁ ବହିଷ୍କାର ଭୟରେ କେହି ମୁହଁ ଖୋଲୁ ନାହାନ୍ତି ବୋଲି ଆଲୋଚନା ହେଉଛି।

## ସଂକ୍ଷେପରେ

### ଭିନ୍ନକ୍ଷମ ମତଦାତାଙ୍କ ସଚେତନ କାର୍ଯ୍ୟକ୍ରମ



ଯାଜପୁର ଅଫିସ,୩।୪: ଭିନ୍ନକ୍ଷମ ମତଦାତାଙ୍କ ସଂଖ୍ୟା ଯାଜପୁର ଜିଲାରେ ୨୪ ହଜାରରୁ ଊର୍ଦ୍ଧ୍ୱ। ସେମାନଙ୍କ ମତଦାନ ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ସେମାନଙ୍କୁ ଚିହ୍ନଟ ସହ ସେମାନଙ୍କ ଘରଠାରୁ ମତଦାନ କେନ୍ଦ୍ରକୁ ଆଣି ମତଦାନ ପରେ ପୁଣି ଘରକୁ ପହଞ୍ଚାଇବା, ମତଦାନ କେନ୍ଦ୍ରରେ ପହଞ୍ଚିବା ପରେ ଅଗ୍ରାଧିକାର ଭିତ୍ତିରେ ସେମାନଙ୍କୁ ମତଦାନର ସୁଯୋଗ ପାଇଁ ବ୍ୟବସ୍ଥା ହୋଇଛି ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଯାଜପୁର ବ୍ଲକ ପରିସରରେ ଭିନ୍ନକ୍ଷମ ମତଦାତାଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ବ୍ୟାନରକୁ ଲୋକାର୍ପିତ କରାଯିବା ସହ କେତେକ ଭିନ୍ନକ୍ଷମ ମତଦାତାଙ୍କୁ ଜିଲାପାଳ ଦାସ ଉତ୍ସାହିତ କରିଥିଲେ । ପ୍ରତ୍ୟେକ ବୁଥଗୁଡ଼ିକରେ ର‌୍ୟାମ୍ପ, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବୁଥରେ ରହିଥିବା ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଭିନ୍ନକ୍ଷମ ମତଦାତା ତଥା ସମାଜସେବୀ ମଣ୍ଟୁ ଦାସ ଭିନ୍ନକ୍ଷମଙ୍କୁ ମତଦାନ ପାଇଁ ସଚେତନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଯାଜପୁର ବିଡିଓ ସୌରମ ଚକ୍ରବର୍ତ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବରିଷ୍ଠ କିରାଣୀ ଦେବେନ୍ଦ୍ର ନାଥ କର, ହେଡକ୍ୱାଟର ସାମାଜିକ ସୁରକ୍ଷା ଅଧିକାରୀ ଚକ୍ରଧର ସୂତାର, ଭିନ୍ନକ୍ଷମ ମତଦାତା ନିର୍ମଳ ବେହେରା, ସେକ ସମିଉଦ୍ଦିନ ପ୍ରମୁଖ ଯୋଗଦେଇଥିଲେ।

### ଟ୍ରାକ୍ଟରରୁ ପଡି ଯୁବକ ମୃତ

ଚଢେଇଧରା,୩।୪(ଡି.ଏନ୍.ଏ.): ଜେନାପୁର ଥାନା ଅନ୍ତର୍ଗତ ବରଡ଼ାତୁରଙ୍ଗ ରାସ୍ତା ପୁରିକଣା ଛକ ନିକଟରେ ବୁଧବାର ଟ୍ରାକ୍ଟରୁ ପଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଡଙ୍କାରୀ ଗ୍ରାମର ପବିତ୍ର ଦାସ(୨୦)। ଚଢେଇଧରା ଫାଣ୍ଡି ଅଧିକାରୀ ସୁଧୀର କୁମାର ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (୭୦/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇଛନ୍ତି। ପ୍ରକାଶ ଯେ, ପବିତ୍ର ଟ୍ରାକ୍ଟରରେ ବସି ଏକ କ୍ରସରକୁ ଚିପ୍ସ ପାଇଁ ଯାଉଥିଲେ। ପୁରିକଣା ଛକରେ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲେ। ଫଳରେ ଟ୍ରାକ୍ଟର ତାଙ୍କ ଉପରେ ଚଢିଯାଇଥିଲା।

### ବିଞ୍ଝାରପୁର ବିଜେଡିର ମିଶ୍ରଣ ପର୍ବ



ବିଞ୍ଝାରପୁର,୩।୪(ଡି.ଏନ୍.ଏ.): ସାଧାରଣ ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ସବୁ ରାଜନୈତିକ ଦଳରେ ମିଶ୍ରଣ ପର୍ବ ରାଜନୀତିକୁ ସରଗରମ କରୁଛି। ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ନିର୍ବାଚନକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଛି । ନେତାମାନେ କର୍ମୀଙ୍କୁ ଏକାଠି କରି ନିର୍ବାଚନ ପାଇଁ ସଜବାଜ ହେଉଛନ୍ତି। ଦଳରେ ଥିବା ଗୋଷ୍ଠୀ କନ୍ଦଳ ହେଉ କିମ୍ବା ଅନ୍ୟ ଦଳର ନେତା ଓ କର୍ମୀଙ୍କୁ ନିଜ ଦଳରେ ସାମିଲ କରିବାରେ ଏବେ ସବୁ ରାଜନୈତିକ ଦଳ ଲାଗି ପଡିଛନ୍ତି । ଏହି କ୍ରମରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତଠାରେ ବୁଧବାର ବିଜେଡି ପକ୍ଷରୁ ମହା ମିଶ୍ରଣ ପର୍ବ ବରିଷ୍ଠ ବିଜେଡି ନେତା ଜଗବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ନବାଗତଙ୍କୁ ସ୍ୱାଗତ କରିଥିଲେ। ଏଥିସହ ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ପୂର୍ବପରି ପୁଣି ବିଜେଡି ନିଜର ପତିଆରା ସାବ୍ୟସ୍ତ କରିବାକୁ କର୍ମୀଙ୍କୁ ସଂଗଠିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଲୋକନାଥ ସିଂହ, ନାରାୟଣ ଧିର, ରାଜେନ୍ଦ୍ର କୁମାର ବେହେରା, ହରିଶ୍ଚନ୍ଦ୍ର ଧଳ, ମନ୍ମଥ ନାୟକ, ବଟକୃଷ୍ଣ ମଲ୍ଲିକ, ବିଷ୍ଣୁ ଚରଣ ପଣ୍ଡା, ରାଜକିଶୋର ଧଳ, କେଶବ ଚନ୍ଦ୍ର ଧଳ, ମନୋରଞ୍ଜନ ଧଳ, ଲେଙ୍ଗୁଟି ବେହେରା, ହରିଶ୍ ଚନ୍ଦ୍ର ପରିଡା, ସହଦେବ ନାଥ, ଗୋଲକ ସାମଲ, ଅର୍ଜୁନ ବେହେରା, ମହେଶ୍ୱର ସାମଲ, ବଟକୃଷ୍ଣ ପଣ୍ଡା ପ୍ରମୁଖ ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି।

### ମଦଭାଟିରେ ଚଢ଼ାଉ, ଜଣେ ଗିରଫ

କଳିଙ୍ଗନଗର,୩।୪(ଡି.ଏନ୍.ଏ.)

ଟମକା ଥାନା ଅନ୍ତର୍ଗତ ଚମ୍ପାଝର ପାହାଡ ଉପରେ ଦେଶୀ ମଦଭାଟି ଚାଲୁଥିବା ଖବର ପାଇ ବୁଧବାର ଟମକା ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢାଉବେଳେ ୭୦ଲିଟର ଦେଶୀ ମଦ, ୮୫୦ କେଜି ମହୁଲ ପୋଚ ସହିତ ମଦ ରନ୍ଧା ସରଞ୍ଜାମ ପୋଲିସ ଜବତ କରି ନଷ୍ଟ କରିଛି। ଏଥିସହ ଘଟଣାରେ ସମ୍ପୃକ୍ତ ଟମକା ଅଞ୍ଚଳର ଦିଶା କର(୩୫)ଙ୍କୁ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା (୩୧/୧୯) ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଚଢାଉରେ ଥାନା ଅଧିକାରିଣୀ ସଙ୍ଘମିତ୍ରା ନାୟକ ଓ କର୍ମଚାରୀ ଉପସ୍ଥିତ ଥିଲେ ।

### ସାମ୍ବାଦିକ ସଂଘର ବାର୍ଷିକ ବୈଠକ

ବିଞ୍ଝାରପୁର,୩।୪(ଡି.ଏନ୍.ଏ.)

ବିଞ୍ଝାରପୁର ସାମ୍ବାଦିକ ସଂଘ ପକ୍ଷରୁ ବାର୍ଷିକ ବୈଠକ ଉପଦେଷ୍ଟା ରବୀନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଞ୍ଝାରପୁର ସାମ୍ବାଦିକ ସଂଘ ପକ୍ଷରୁ ଗଣତନ୍ତ୍ର ଓ ଗଣମାଧ୍ୟମ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ଅକ୍ଷୟ କୁମାର ନାୟକ ଯୋଗଦେଇଥିଲେ। ଖବରଦାତା ରାମକୃଷ୍ଣ ଦାସ, ସେକ୍ ସନୱାର, ସୀତାକାନ୍ତ ସାମଲ, ଦେବ ପ୍ରସାଦ ସାହୁ, ଅସିତ୍ ଧଳ, ଅନଙ୍ଗ ଉଦୟ ବେଉରିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୋପାଳ ସୂତାର, ଅନିଲ ସାହୁ, ମଇଦୁଲ ଇସଲାମ, ସତ୍ୟ ରଞ୍ଜନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଖବରଦାତା ଦେବ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

# ସ୍ୱାଗତ ସଭା ନାମରେ ନିର୍ବାଚନୀ ବିଗୁଲ୍

ଚଣ୍ଡିଖୋଲ, ୩।୪(ଡି.ଏନ୍.ଏ.)

୨୦୧୯ ନିର୍ବାଚନ ପାଇଁ ବିଜେଡ଼ି ଟିକେଟ ଅମର ପ୍ରସାଦ ଶତପଥୀଙ୍କୁ ଦିଆଯିବା ପରେ ବଡ଼ଚଣା ବିଜେଡ଼ିରେ ଆନନ୍ଦ ଖେଳି ଯାଇଛି। ୬ଷ୍ଠ ଥର ପାଇଁ ବିଧାନସଭା ନିର୍ବାଚନର ରଣାଙ୍ଗନାରେ ବିଜେଡି ତରଫରୁ ପ୍ରାର୍ଥୀ ହୋଇଥିବା ଶତପଥୀ ବୁଧବାର ଚଣ୍ଡିଖୋଲ ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ ସ୍ୱାଗତ ସଭା ନାମରେ ନିର୍ବାଚନୀ ବିଗୁଲ ଫୁଙ୍କିଛନ୍ତି। କଂଗ୍ରେସରୁ ଗତ କିଛିମାସ ତଳେ ଇସ୍ତଫା ଦେଇଥିବା ଜନ୍ମେଜୟ ଲେଙ୍କା ଦୁଇ ଦିନ ତଳେ ନବୀନ ନିବାସରେ ଯାଇ ବିଜେଡ଼ିରେ ମିଶିଥିଲେ। ତାଙ୍କୁ ସ୍ୱାଗତ କରିବା ପାଇଁ ବୁଧବାର ବ୍ଲକ ବିଜେଡ଼ି ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡ଼ି ପ୍ରାର୍ଥୀ ତଥା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଗୋଷ୍ଠୀ ନୁହେଁ ଆମେ ସମଷ୍ଟିଗତ ଭାବେ ନିର୍ବାଚନକୁ ସାମନା କରି ଅଧିକ ଭୋଟରେ କିପରି ବିଜୟୀ ହେବା ସେ ସମ୍ପର୍କରେ ନେତୃବୃନ୍ଦକୁ ଗୁରୁମନ୍ତ୍ର ଦେଇଥିଲେ। ଏଥିସହ ଆଗାମୀ ୮ ତାରିଖ ଦିନ ସେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଘୋଷଣା କରିଥିଲେ। ଯାଜପୁର ଲୋକ ସଭା ପ୍ରାର୍ଥୀ ଶ୍ରମିଷ୍ଠା ସେଠୀ, ନରେଶ ମହାନ୍ତି, ଭାଗ୍ୟଧର ମଳିକ, ସରସ୍ୱତୀ ବେହେରା, ଗଣେଶ୍ୱର ବରାଳ, ଯତିନ୍ଦ୍ର ନାୟକ, ବିପିନ ବିହାରୀ ଜେନା, ବିନୋଦିନୀ ସାହୁ, ନିରଞ୍ଜନ ସେନାପତିଙ୍କ ସହ ସଦ୍ୟ ଦଳରେ ଯୋଗ ଦେଇଥିବା ଅଶ୍ୱିଜିତ ରାଉତ, ନିରଞ୍ଜନ ବିଶ୍ୱାଳ, ସଞ୍ଜୟ ଖୁଣ୍ଟିଆ, ଅବିନାଶ ଜେନା, କିଶୋର ଚନ୍ଦ୍ର ସାମଲ ପ୍ରମୁଖ ଅଭିଭାଷଣ ଦେଇଥିଲେ।

# ମାମୁ, ଭଣଜା, ଭାଣିଜୀ ମଧ୍ୟରେ ଲଢ଼େଇ

ଧର୍ମଶାଳା,୩।୪(ଡି.ଏନ୍.ଏ.)

**ଧର୍ମଶାଳା ନିର୍ବାଚନମଣ୍ଡଳୀ**

ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଇତି ମଧ୍ୟରେ ଭାଜପା, ବିଜେଡି ଓ କଂଗ୍ରେସ ନିଜର ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଏ ନେଇ ରାଜନୈତିକ ମାହୋଲ ସରଗରମ ହେବାରେ ଲାଗିଥିବାବେଳେ ପ୍ରାର୍ଥୀମାନେ ନିର୍ବାଚନରେ ବିଜୟ ପାଇଁ ନିଜର ରଣନୀତି ପ୍ରସ୍ତୁତ ମଧ୍ୟ କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ତିନି ପ୍ରମୁଖ ଦଳ ପକ୍ଷରୁ ଘୋଷଣା କରାଯାଇଥିବା ପ୍ରାର୍ଥୀ ସମ୍ପର୍କରେ ମାମୁ, ଭଣଜା ଓ ଭାଣିଜୀ ହେବେ ବୋଲି ଜଣାପଡିଛି। ଯାହା ଏବେ ନିର୍ବାଚନମଣ୍ଡଳୀରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ମାମୁ, ଭଣଜା ଓ ଭାଣିଜୀଙ୍କ ଲଢେଇକୁ ନେଇ ଭୋଟରଙ୍କ ମଧ୍ୟରେ ଭିନ୍ନଭିନ୍ନ କଥା କୁହାଯାଉଥିଲେ ମଧ୍ୟ ଉଭୟଙ୍କ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ରୋଚକ ମୋଡ଼ ନେଇପାରେ ବୋଲି ନିର୍ବାଚନ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି।

ଭାଜପା ପ୍ରାର୍ଥୀ ରମେଶଚନ୍ଦ୍ର ପରିଡା(ତୁଷାର) ଅନ୍ୟ ୨ପ୍ରାର୍ଥୀଙ୍କର ମାମୁ ହୋଇଥିବାବେଳେ ବିଜେଡି ପ୍ରାର୍ଥୀ ତଥା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଭଣଜା ଓ କଂଗ୍ରେସ ପ୍ରାର୍ଥୀ ସ୍ମିତିରେଖା ପହୀ ଭାଣିଜୀ । ଭାଜପା ପ୍ରାର୍ଥୀ ପରିଡାଙ୍କ ପୈତୃକ ଘର ଭଗବାନପୁର ଏବଂ ତାଙ୍କ ଭଣଜା ବିଧାୟକ ବଳବନ୍ତରାୟଙ୍କ ଘର କୋରେଇ ନିର୍ବାଚନମଣ୍ଡଳୀ ଭୋଟକା ଗ୍ରାମ। ସେହିପରି କଂଗ୍ରେସ ପ୍ରାର୍ଥୀ ପହୀଙ୍କ ପିତା କେଦାର ଜେନାଙ୍କ ଘର କୋତପୁର ଓ ତାଙ୍କ ଶାଶୁଘର କେନ୍ଦୁଝର ଜିଲାରେ ବୋଲି ଜଣାପଡିଛି। ପରିଡା ୨୦୦୯ରେ ଧର୍ମଶାଳା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥାଇ ମଧ୍ୟ ବିଜେଡି ଟିକେଟ ପାଇ ନ ଥିଲେ। ତେଣୁ ସେ ବିଧାନସଭା ନିର୍ବାଚନରେ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ସେ ୨୦୧୪ରେ ମଧ୍ୟ ୨ୟ ଥର ପାଇଁ ପ୍ରାର୍ଥୀ ହୋଇ ହାରିଥିଲେ। ବିଜେଡି ପ୍ରାର୍ଥୀ ବଳବନ୍ତରାୟ ପ୍ରଥମ ଥର ୨୦୧୪ରେ ବାପା ସ୍ୱର୍ଗତ କଳ୍ପତରୁ ଦାସଙ୍କ ବିଧାନସଭା କ୍ଷେତ୍ରରେ ଧର୍ମଶାଳାରେ ପ୍ରାର୍ଥୀ ହୋଇ ୮୫ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ରାଜ୍ୟରେ ଏହି ଭୋଟ ବ୍ୟବଧାନ ୨ୟ ସ୍ଥାନ ଅଧିକାର କରିଥିଲା। ବିଡମ୍ବନାର ବିଷୟ କଂଗ୍ରେସ ପ୍ରାର୍ଥିନୀ ପାହୀ ମାତ୍ର ୨ମାସ ହେବ ଧର୍ମଶାଳା କଂଗ୍ରେସ ସହ ସମ୍ପର୍କରଖି ଟିକେଟ ପାଇବାରେ ସମର୍ଥ ହୋଇ ପ୍ରଥମ ଥର ପାଇଁ ପ୍ରାର୍ଥୀ ହୋଇଛନ୍ତି। ପହୀ ରାଜ୍ୟ କଂଗ୍ରେସ ମହିଳା ଦଳର ସମ୍ପାଦକ ଅଛନ୍ତି। ମହିଳା ସଶକ୍ତୀକରଣ ପାଇଁ ଦଳ ତାଙ୍କୁ ପ୍ରାର୍ଥୀ କରିଥିବା କୁହାଯାଇଛି। ଏହି ନିର୍ବାଚନମଣ୍ଡଳୀରେ ୨୫୮ଟି ବୁଥ୍‌ରେ ୧ ଲକ୍ଷ ୪ ହଜାର ୫୨୬ଜଣ ପୁରୁଷ ଓ ୧ ଲକ୍ଷ ୫ହଜାର ୨୧୫ ଜଣ ମହିଳା ଭୋଟର ଥିଲେ। ତେବେ ୨୦୧୪ ମସିହା ଅପେକ୍ଷା ୨୪ହଜାର ୮୯୩ ଜଣ ନୂତନ ଭୋଟର ଯୋଗ ହୋଇଛନ୍ତି। ତେଣୁ ନିର୍ବାଚନରେ ନୂତନ ଭୋଟର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

■ ଯାଜପୁର ବିଜେଡିକୁ ଶକ୍ତ ଧକ୍କା

# ପୂର୍ବତନ ବ୍ଲକ ବିଜେଡି ସଭାପତି ଭାଜପାରେ

ଯାଜପୁର ଅଫିସ,୩।୪

ଜିଲାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାବେଳେ ଯାଜପୁର ବିଜେଡିକୁ ଆଉ ଶକ୍ତ ଧକ୍କା ଲାଗିଛି। ଯାଜପୁର ବ୍ଲକ ବିଜେଡି ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ସାହୁ ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ ସାହୁ ତାଙ୍କ ଶତାଧିକ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି। ଦଳରେ ତାଙ୍କୁ ଅଣଦେଖା କରାଯିବା ଯୋଗୁଁ ଏଭଳି ପଦକ୍ଷେପ ନେଇଥିବା ସାହୁ ପ୍ରକାଶ କରିଛନ୍ତି । ଏହାସହ ବିଚିତ୍ରପୁର ଗ୍ରାମପଞ୍ଚାୟତର ବାବାଜି ଚରଣ ବେହେରା, ବ୍ରହ୍ମାନନ୍ଦ ବେହେରା, ଭରତ ସାହୁ, ଖଗେନ୍ଦ୍ର ପ୍ରଧାନ, କୈଳାସ ବେହେରା, ବିଷ୍ଣୁ ବେହେରା, ବୃନ୍ଦାବନ ନାୟକ ପ୍ରମୁଖ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଏହା ଯାଜପୁର ଭାଜପାକୁ ଅଧିକ ସହଯୋଗ କରିବ ବୋଲି ଜିଲା ଭାଜପା ସଭାପତି ଗୌତମ ପ୍ରକାଶ କରିଛନ୍ତି। ସେ ଘରକୁ ଘର ବୁଲି ନରେନ୍ଦ୍ର ମୋଦିଙ୍କ ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇ ଚଳିତ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ବିଜୟ କରିବା ପାଇଁ ଅନୁରୋଧ କରୁଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ସୁଦିପ୍ତ ପଣ୍ଡା, ସୁରଜଲାଲ ସାମଲ, ମନ୍ମଥ ବରାଳ, ପ୍ରଶାନ୍ତ ସାହୁ, ଗୋପ ସାହୁ, ଜିତେନ୍ଦ୍ର ବେହେରା, ସତ୍ୟଜିତ ସ୍ୱାଇଁ, ମହେନ୍ଦ୍ର ପହି, ଗୌରାଙ୍ଗ ଘଡ଼ାଇ, ପ୍ରଶେଷ ସୂତାର, ସୌମ୍ୟ ଧଳ, ଚିତ୍ତରଞ୍ଜନ ସାହୁ, ବିଜୟ ବେହୁରିଆ, ଅଚ୍ୟୁତ ପଣ୍ଡା, ଦୋଳଗୋବିନ୍ଦ ପଣ୍ଡା, ସୁରେଶ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

**ଦଳରେ ଅଣଦେଖା ଅଭିଯୋଗ**



ଭାଜପାରେ ମିଶିଥିବା କର୍ମୀ।

### ନିର୍ବାଚନୀ ପ୍ରସ୍ତୁତି ବୈଠକ

ଜେନାପୁର,୩।୪(ଡି.ଏନ୍.ଏ.)

ଧର୍ମଶାଳା ନିର୍ବାଚନମଣ୍ଡଳୀର ୧୧ ଓ ୧୨ ନମ୍ବର ଜୋନ୍‌ର ବୁଧବାର ତାରିଣୀ ଛକ ନିକଟସ୍ଥ ବିଜେଡି କାର୍ଯ୍ୟାଳୟଠାରେ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିଲୀପ କୁମାର ବଳଙ୍କ ସଭାପତିତ୍ୱରେ ବିଧାୟକ ତଥା ବିଜେଡି ଧର୍ମଶାଳା ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇଥିଲେ। ଏହି ଅବସରରେ ସେ ଆସନ୍ତା ୫ ତାରିଖ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ ତାରିଖ ରହିଥିବାରୁ ସମସ୍ତଙ୍କ ଆଶୀର୍ବାଦ କାମନା କରିଥିଲେ। ଏଥିସହ ନିର୍ବାଚନରେ ଦଳ କିପରି ଅଧିକରୁ ଅଧିକ ଭୋଟରେ ଜିତିବ ସେ ନେଇ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି।

# ୪ହେଭିୱେଟ ନେତାଙ୍କ ନାମାଙ୍କନ ପତ୍ର ଦାଖଲ

■ ବିଜେଡିରୁ ପ୍ରଣବ, ଭାଜପାରୁ ଅମର ଓ ବିଶ୍ୱ, କଂଗ୍ରେସରୁ ଶରତ

ଯାଜପୁର ଅଫିସ,୩।୪

ଯାଜପୁର ଜିଲାରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟାର ଦ୍ୱିତୀୟ ଦିନ ବୁଧବାର ୪ହେଭିୱେଟ ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିରେ ବିଜେଡିରୁ ପ୍ରଣବପ୍ରକାଶ ଦାସ, ଭାଜପାର ଅମର ନାୟକ ଓ ବିଶ୍ୱରଞ୍ଜନ ମଲ୍ଲିକ, କଂଗ୍ରେସରୁ ଶରତ ରାଉତ ରହିଛନ୍ତି। ବିଜେଡିର ପ୍ରଣବ ତାଙ୍କ ବାସଭବନରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଯାଜପୁର ସହରର ବିଭିନ୍ନ ଛକରେ ଦାସଙ୍କୁ ଶହଶହ ମହିଳା, ଯୁବକ ଓ ବ୍ୟବସାୟୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ର, ଦଶରଥପୁର ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ଯାଜପୁର ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ଉମାକାନ୍ତ ପରିଡା, ଯାଜପୁର ବ୍ଲକ ଅଧ୍ୟକ୍ଷ ପ୍ରଦୀପ ନାୟକ, ଯାଜପୁର ବ୍ଲକ ବିଜେଡି ସଭାପତି ପ୍ରଭାତ କୁମାର ଘଡ଼େଇ, ଆଇନଜୀବୀ ପ୍ରଦୀପ ରାୟ, ରାଜୀବ ମହାନ୍ତି, ପ୍ରଫୁଲ୍ଲ ସାମଲ ପ୍ରମୁଖ ସମର୍ଥକଙ୍କ ସହ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କଂଗ୍ରେସର ପ୍ରାର୍ଥୀ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଶରତ କୁମାର ରାଉତ ଏକ ଶୋଭାଯାତ୍ରାରେ ଆସି କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତାଙ୍କ ନାମାଙ୍କନ ଦାଖଲ ସମୟରେ ଜିଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ରାଉତ, ବିଷ୍ଣୁଚରଣ ରାଉତ, ବିଭୂତି ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ଉପସ୍ଥିତ ଥିଲେ। ସେହିପରି ବରୀ ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ତାଙ୍କ ସମର୍ଥକଙ୍କ ସହ ଏକ ରାଲିରେ ଆସି ଅତିରିକ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ବଡ଼ଚଣା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଅମର ନାୟକ ବିରାଟ ପଟୁଆରରେ ଆସି ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଭାଜପା ଜିଲା ଉପସଭାପତି ଜ୍ଞାନରଞ୍ଜନ ସାହୁ, ଦେବଜାନୀ ପ୍ରଧାନ, ପୂର୍ବତନ ଅଧ୍ୟକ୍ଷ ନିରଞ୍ଜନ ସାହୁ, ବିଚିତ୍ରାନନ୍ଦ ମହାପାତ୍ର, ରମେଶ ପୃଷ୍ଟି, ଉତ୍କଳ କେଶରୀ ସାମଲ, ଧୁଳେଶ୍ୱର ଦାସ, ପ୍ରଦୀପ ଜେନା, ପ୍ରିତମ ନାଏକ, ନୃସିଂହନାରାୟଣ ହୋତା, ଅଜୟ ଜେନା, ହରିଶଙ୍କର ପଣ୍ଡା, ସୁବାସ ଜେନା, ପ୍ରମୋଦ ଜେନା, ବିକାଶ ଦାସ, ଅକ୍ଷୟ ସ୍ୱାଇଁ ପ୍ରମୁଖ ସମର୍ଥକ ସାମିଲ ଥିଲେ।

## ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ



ଯାଜପୁର ବିଧାନସଭା ଆସନ ପାଇଁ ବିଜେଡିରୁ ପ୍ରଣବ ପ୍ରକାଶ ଦାସ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।



ସୁକିନ୍ଦା ବିଧାନସଭା ଆସନ ପାଇଁ କଂଗ୍ରେସର ଶରତ କୁମାର ରାଉତ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।



ବଡ଼ଚଣା ବିଧାନସଭା ଆସନ ପାଇଁ ଭାଜପାର ଅମର ନାୟକ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୪ ଏପ୍ରିଲ, ୨୦୧୯



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
–ବ୍ୟାସକବି ଫକୀର ମୋହନ ସେନାପତି



## ସଂକ୍ଷେପରେ

### ପବିତ୍ର ସୁବୁଦ୍ଧିଙ୍କୁ ବାଣୀବିନୋଦ ସମ୍ମାନ



**ଖଣ୍ଡପଡ଼ା,୩।୪(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲାର ଅଗ୍ରଣୀ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ 'ବାଣୀପୀଠ' ତରଫରୁ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧିଙ୍କୁ 'ବାଣୀବିନୋଦ' ସମ୍ମାନ ପ୍ରଦାନ କରାଯାଇଛି। ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ଅଧକ୍ଷତାରେ ମାର୍ଚ୍ଚ ୩୧ ତାରିଖରେ ଅନୁଷ୍ଠାନ ଦ୍ୱାରା ଆୟୋଜିତ 'ବାଣୀପୀଠ ମହୋତ୍ସବ-୨୦୧୯'ରେ ଡ. ସୁବୁଦ୍ଧିଙ୍କୁ ତାଙ୍କର ସାରସ୍ୱତ ପ୍ରତିଭା ଓ ଅନୁପମ ବାଗ୍ମିତା ପାଇଁ ଏହି ମର୍ଯ୍ୟାଦାଜନକ ଉପାଧି ବଡ଼ସାହିସ୍ଥିତ ବିବେକାନନ୍ଦ ବିହାରରେ ପ୍ରଦାନ କରାଯାଇଛି। ସାହିତ୍ୟିକ ହୁସେନ ରବି ଗାନ୍ଧୀ, ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକ ପ୍ରମୁଖ ଉକ୍ତ ଉତ୍ସବରେ ଅତିଥି ଭାବେ ଯୋଗଦେଇ ଅଧ୍ୟାପକ ସୁବୁଦ୍ଧିଙ୍କୁ ମାନପତ୍ର, ଉପାୟନ ଓ ପଦକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

### ଶିକ୍ଷା ସଚେତନତା ଶୋଭାଯାତ୍ରା



**ଦଶପଲ୍ଲା,୩।୪ (ଡି.ଏନ.ଏ.):** ଛାତ୍ରୀଛାତ୍ର ଓ ଅଭିଭାବକ ଯେଭଳି ଶିକ୍ଷା ପ୍ରତି ଆକୃଷ୍ଟ ହୋଇପାରିବେ ସେଥିପାଇଁ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ବୁଧବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ପୋଖରୀଗୋଛା ପଞ୍ଚାୟତ କଇଁଆଡିହ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜିନୀ ସାହୁ, ପ୍ରଧାନ ଶିକ୍ଷକ ସୁକୁମାର ମଲ୍ଲିକ, ସିଆର୍‌ସିସି ସନ୍ତୋଷ କୁମାର ମହାନ୍ତି, ଶିକ୍ଷକ ମନୋରଞ୍ଜନ ବେହେରା ଓ ଭଗବାନ ଦେହୁରି ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଗାଁ ଗାଁରେ ରାଲି କରି ସଚେତନତା ସୃଷ୍ଟି କରିଥିଲେ।

### ଜଙ୍ଗଲ କମିଟି ସଭା



**ନୟାଗଡ଼ ଅଫିସ,୩।୪:** ପଞ୍ଚରିଡ଼ା ବନାଞ୍ଚଳ ଅଧୀନ ଗୋଛା ଗ୍ରାମରେ ବୁଧବାର ଜଙ୍ଗଲ କମିଟି ସଭା ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଧନେଶ୍ୱର ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ୬ଟି ବନ ସୁରକ୍ଷା ସମିତିର ସଦସ୍ୟମାନେ ଯୋଗଦେଇଥିଲେ। ବନାଞ୍ଚଳ ଅଧିକାରୀ ରଥ ଜଙ୍ଗଲ କିଭଳି ସୁରକ୍ଷା କରାଯିବ ସେ ସମ୍ପର୍କରେ ସମିତି ସଦସ୍ୟମାନଙ୍କୁ ବୁଝାଇଥିଲେ। ସେହିପରି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସହିତ ମାଫିଆମାନଙ୍କ କବଳରୁ କିପରି ସୁରକ୍ଷା କରାଯିବ ସେଥିପାଇଁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ମାଫିଆମାନଙ୍କ ବିଷୟରେ କୌଣସି ସୂଚନା ପାଇଲେ ବିଭାଗକୁ ଜଣାଇବାକୁ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାଲୁଗାଁ ରେଞ୍ଜ ଅଧୀନ ଧୂଆଁନଳୀ ଫରେଷ୍ଟର ବବ୍ରୁବାହନ ମଙ୍ଗରାଜ ଓ ଫରେଷ୍ଟ ଗାର୍ଡମାନେ ଉପସ୍ଥିତ ଥିଲେ।

### କନ୍ତଲବାଇ ଗୁଳିକାଣ୍ଡ ଘଟଣା, ୫ କୋର୍ଟଚାଲାଣ

ଟାଙ୍ଗୀ(ଖୋର୍ଦ୍ଧା),୩।୪ (ଡି.ଏନ.ଏ.)-ଟାଙ୍ଗୀ ଥାନା ଅନ୍ତର୍ଗତ କନ୍ତଲବାଇ ଗ୍ରାମରେ ଗତ ୧ ତାରିଖ ରାତିରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ରାତିରେ ଟାଙ୍ଗୀ ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ପୋଲିସ ଚଢ଼ାଉକରି ଝାଟିନୁଆଗାଁର ମାଧବ ପ୍ରଧାନ (୨୫), ତେନ୍ତୁଳିଆପଡାର କୁନା ପରିଡା(୩୧), କନ୍ତଲବାଇର ନରେନ୍ଦ୍ର ଦଳାଇ(୪୫), ସୂର୍ଯ୍ୟକାନ୍ତ ଦଳାଇ ଓରଫ ସଞ୍ଜୟ (୪୦) ଓ ଝାନ୍ସିପାଟଣାର ନବକିଶୋର ସାହୁ (୪୬)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନାଧିକାରୀ ଉପାଧ୍ୟାୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗୋଷ୍ଠୀ ବିବାଦକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀ ତରଫରୁ ଗୁଳି ହେବା ଫଳରେ ଅନ୍ୟ ଗୋଷ୍ଠୀର ଶିବ ପ୍ରସାଦ ପରିଡା ଗୁରୁତର ହୋଇଥିଲେ। ଶିବଙ୍କ ମାଆଙ୍କ ଅଭିଯୋଗକ୍ରମେ ପୋଲିସ ୯୮/୧୯ରେ କେସ୍ ରୁଜୁ ହୋଇଥିଲା।

## ତୃତୀୟ ପର୍ଯ୍ୟାୟ ନିର୍ବାଚନ

# ୭ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ନୟାଗଡ଼ ଅଫିସ,୩।୪**

ରାଜ୍ୟରେ ତୃତୀୟ ତଥା ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବୁଧବାର ନାମାଙ୍କନପତ୍ର ଦାଖଲର ସପ୍ତମ ଦିନରେ ୪ଜଣ ପ୍ରାର୍ଥୀ ରିଟର୍ନିଂ ଅଫିସରଙ୍କଠାରେ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୁରୀ ଲୋକ ସଭା ଅନ୍ତର୍ଗତ ରଣପୁର ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସରୁ ଶୁଭଶ୍ରୀ ପଣ୍ଡା ଓରଫ ମିଲି, ସିପିଆଇ(ଏମ୍)ରୁ ନିତ୍ୟାନନ୍ଦ ପରିଡ଼ା, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ଦେବରାଜ ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ସନ୍ତୋଷ କୁମାର ସାହୁ ରିଟର୍ନିଂ ଅଫିସର ତଥା ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ପୁରୀ ଲୋକ ସଭା ଅନ୍ତର୍ଗତ ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସରୁ ମନୋଜ କୁମାର ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ବଳରାମ ସାହୁ ଉପଜିଲାପାଳ ସାହୁଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରାର୍ଥୀମାନେ ନିଜର ସମର୍ଥକମାନଙ୍କ ସହି ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସିଥିଲେ। ଏହା ପରେ ନିଜର ପ୍ରସ୍ତାବକମାନଙ୍କ ସହିତ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ଅନ୍ୟପଟେ କଟକ ଲୋକ ସଭା ଅନ୍ତର୍ଗତ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଦୁଷ୍ମନ୍ତ କୁମାର ସ୍ୱାଇଁ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶଙ୍କ ନିକଟରେ ନାମାଙ୍କନପତ୍ର



ଉପଜିଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି ନିତ୍ୟାନନ୍ଦ, ଶୁଭଶ୍ରୀ, ବଳରାମ।



ଉପଜିଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି ମନୋଜ। ଅତିରିକ୍ତ ଜିଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି ଦୁଷ୍ମନ୍ତ।

**ରଣପୁର ୪, ନୟାଗଡ଼ ୨ ଓ ଖଣ୍ଡପଡ଼ା ପାଇଁ ଜଣେ**

ଦାଖଲ କରିଥିଲେ। ବେଣାଗାଡ଼ିଆ ଗ୍ରାମର ଦୁଷ୍ମନ୍ତ ନିଜର ଶତାଧିକ ସମର୍ଥକଙ୍କ ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସିଥିଲେ। ଏହା ପରେ ପ୍ରସ୍ତାବକମାନଙ୍କ ସହିତ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରାର୍ଥିପତ୍ର ଦାଖଲ ବେଳେ କଂଗ୍ରେସର ଜିଲା ସଭାପତି ରଣଜିତ୍ ଦାଶ, ଉପସଭାପତି ହୁସେନ ଖାଁ, କମଳ ଚରଣ ସାହୁ, ସିପିଆଇ (ଏମ୍) ନେତା ବିଶ୍ୱନାଥ ମହାପାତ୍ରଙ୍କ ସମେତ ଏକାଧିକ ନେତା ଉପସ୍ଥିତ ଥିଲେ। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମାର୍ଚ୍ଚ ୨୮ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗୁରୁବାର ୪ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିନ। ୫ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୮ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଅପରାହ୍ନରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ୨୩ରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ।

## କଣ୍ଟିଲୋ ପ୍ରିମିୟର ଲିଗ୍

# କେଦାର ନାଇଟ୍ ରାଇଡର ବିଜୟୀ

**ଖଣ୍ଡପଡ଼ା,୩।୪(ସ୍ୱ.ପ୍ର.)**

କଣ୍ଟିଲୋ ବରୁଣେଇ ଯୁବ କ୍ଳବ ପକ୍ଷରୁ ଆୟୋଜିତ କଣ୍ଟିଲୋ ପ୍ରିମିୟର ଲିଗ୍ ମ୍ୟାଚର ବୁଧବାର ୪ର୍ଥ ଦିବସରେ ଲାଲୁ ଡେଭିଲ୍ସକୁ ହରାଇ କେଦାର ନାଇଟ୍ ରାଇଡର ବିଜୟୀ ହୋଇଛି । ପ୍ରଥମେ କେଦାର ନାଇଟ୍ ରାଇଡର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ଲାଲୁ ଡେଭିଲ୍ସ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୧ ରନ ସଂଗ୍ରହ କରିଥିଲା । ଜବାବରେ କେଦାର ନାଇଟ୍ ରାଇଡର ୧୧ ଓଭରରେ ୩ ଉଇକେଟ ବିନିମୟରେ ୧୦୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ବିଜୟୀ ଦଳର ସୂର୍ଯ୍ୟମଣି ସାହୁ ୨୮ ରନ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଉକ୍ତ ଖେଳକୁ ଅଶୋକ କୁମାର ବାରିକ ଓ ଶେଷଦେବ ନାୟକ ପରିଚାଳନା କରିଥିଲେ । ଗୁରୁବାର ଅଶୋକ କିଙ୍ଗସ ସହିତ ଓମ୍ ସୁପର କିଙ୍ଗସ ମୁକାବିଲା ହେବ ।

# ବିପଜ୍ଜନକ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

**ବୋଲଗଡ଼,୩।୪(ଡି.ଏନ.ଏ.)**

**ତୁରନ୍ତ ବଦଳାଇବାକୁ ଦାବି**

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତସ୍ଥ କାଉଁରୀପାଟଣା ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ବଜାର ଅଞ୍ଚଳରେ ବିପଜ୍ଜନକ ଅବସ୍ଥାରେ ଏକ ବିଦ୍ୟୁତ୍ ଖୁଣ୍ଟ ରହିଛି। ଏହା ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଛି। ଖୁଣ୍ଟଟି ବହୁ ପୁରୁଣା ଓ ସାଧାରଣ ଲୋକଙ୍କ ନିମନ୍ତେ ବିପଦର କାରଣ ହେବା ଦୃଷ୍ଟିରୁ ଖୁଣ୍ଟଟିକୁ ହଟାଇବା ପାଇଁ ବିଭିନ୍ନ ମହଲରେ ବିଭାଗକୁ ବାରମ୍ବାର ଅଭିଯୋଗ ହେଉଛି। ଖୁଣ୍ଟଟି ରାଜସୁନାଖଳା–ଚାନ୍ଦପୁର ପୂର୍ତ୍ତ ରାସ୍ତାପାର୍ଶ୍ୱ ଜନଗହଳି ବଜାର ମଧ୍ୟରେ ରହିଛି। ଏହା ଉପରେ ୧୧ କେ.ଭି. ବିଦ୍ୟୁତ୍ ଶକ୍ତି ପ୍ରବାହିତ ତାର ଯାଇଛି। ଉଲ୍ଲେଖଯୋଗ୍ୟ କି, ଝଡ଼ବର୍ଷା ଆଦି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଖୁଣ୍ଟଟି ଭାଙ୍ଗିଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେଣୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାକୁ ତୁରନ୍ତ ପରିବର୍ତ୍ତନ କରାଯାଇ ଏକ ନୂତନ ଖୁଣ୍ଟ ପୋତିବାକୁ ସାଧାରଣରେ ଦାବି ହେଉଛି ।



ଦୁର୍ବଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ।

# ଠିକାଦାର ପ୍ରାପ୍ୟ ନ ପାଇବାରୁ ସଫା ହେଉନି ୱାର୍ଡ ରାସ୍ତା

**ରଣପୁର, ୩।୪(ସ୍ୱ.ପ୍ର.)**

ସହରକୁ ସରସ ସୁନ୍ଦର କରିବା ପ୍ରତ୍ୟେକ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) ଓ ମ୍ୟୁନିସିପାଲିଟିର ଦାୟିତ୍ୱ । ଏଥିପାଇଁ ସରକାରଙ୍କ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଓ ତଦାରଖ ଅଭାବରୁ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନ ଥାଏ। ଏହାର ଉଦାହରଣ ରଣପୁର ଏନ୍ଏସିରେ ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଖାମଖିଆଲ ନୀତି ଯୋଗୁ ୪ଦିନ ହେବ ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡ ସହିତ ମୁଖ୍ୟ ରାସ୍ତା ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି । ଏଥିନେଇ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଏହି ବିଜ୍ଞାପିତ ଅଞ୍ଚଳ ପରିଷଦ ୧୫ ୱାର୍ଡକୁ ନେଇ ଗଠିତ ହୋଇଥିବା ବେଳେ ୱାର୍ଡ ଗୁଡ଼ିକର ରାସ୍ତାଘାଟ ସଫା ରଖିବା ପାଇଁ କାର୍ଯ୍ୟାଳୟ ତରଫରୁ ଟେଣ୍ଡର ମାଧମରେ ଜଣେ ଠିକାଦରଙ୍କୁ ଦାୟିତ୍ୱ ଦିଆଯାଇଛି । ଠିକାଦାର ନେଇଥିବା ଟେଣ୍ଡର ଚଳିତ ବର୍ଷ ଜାନୁୟାରୀରେ ଶେଷ ହୋଇଥିଲା ବେଳେ ସେ ପୁଣି ୨ମାସ ଟେଣ୍ଡର ନ ପାଇ କାର୍ଯ୍ୟ କରିଥିଲେ। ମାର୍ଚ୍ଚ ୧ତାରିଖରେ ପୁଣି ସଫେଇ କାର୍ଯ୍ୟ କରିବା ପାଇଁ ଟେଣ୍ଡର ପାଇଥିଲେ। ହେଲେ ୨ମାସର କରିଥିବା ସଫେଇ କାର୍ଯ୍ୟର ପ୍ରାପ୍ୟ ଠିକାଦାରଙ୍କୁ ପ୍ରଦାନ କରିବାକୁ ବିଭାଗ ମନା କରିଦେବାରୁ ସେ ୪ଦିନ ହେବ ରଣପୁରର କୌଣସି ରାସ୍ତା ସଫେଇ କରାଉନାହାନ୍ତି। ଫଳରେ ରଣପୁର ମୁଖ୍ୟ ରାସ୍ତା ଓ ବିଭିନ୍ନ ୱାର୍ଡରେ ସଫେଇ କାର୍ଯ୍ୟ ନ ହୋଇ ଅଳିଆ ଆବର୍ଜନା ପଡ଼ିରହିଛି । ଫଳରେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି । କାର୍ଯ୍ୟାଳୟ ତରଫରୁ ପ୍ରତ୍ୟେକ ୱାର୍ଡରେ ଓ ରାସ୍ତାରେ ଡଷ୍ଟବିନ୍ ରଖାଯାଇଥିଲେ ମଧ୍ୟ ସେଗୁଡିକରେ ଆବର୍ଜନା ପୂର୍ଣ୍ଣ ହୋଇ ରାସ୍ତାରେ ପଡିଥିଲା ବେଳେ କାର୍ଯ୍ୟାଳୟ ତରଫରୁ ତାହାକୁ ଅନ୍ୟତ୍ର ନେଇ ପକାଯାଉ ନାହିଁ । ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଅର୍ଚ୍ଚନା ନାୟକଙ୍କୁ ପଚାରିବାରୁ କୁହନ୍ତି, ଠିକାଦାର ମାଧ୍ୟମରେ ୪୨ଜଣ ସଫେଇ କର୍ମଚାରୀ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏହି କାର୍ଯ୍ୟ ପାଇଁ ଠିକାଦାର ନେଇଥିବା ଟେଣ୍ଡର ଫେବୃୟାରୀ–ମାର୍ଚ୍ଚରେ ଶେଷ ହୋଇଥିଲା । ସେ ଟେଣ୍ଡର ନ ପାଇ ସଫେଇ କାର୍ଯ୍ୟ କରିଥିଲେ । ଫଳରେ ଏନ୍ଏସି ତରଫରୁ ତାଙ୍କୁ ୨ମାସରୁ ଉର୍ଦ୍ଧ୍ୱ ଦିନର ପ୍ରାପ୍ୟ ପ୍ରଦାନ କରାଯାଇପାରୁ ନାହିଁ । ତେଣୁ ଠିକାଦାର ସଫେଇ କାର୍ଯ୍ୟ ବନ୍ଦ କରିଛନ୍ତି । ତୁରନ୍ତ ଏହାର ସମାଧାନ କରାଯିବ ।



ରଣପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅଳିଆ ଗଦା ହୋଇଛି।

**ରଣପୁର ଏନ୍ଏସି**

# ଡକାୟତି ଯୋଜନା ବିଫଳ: ୩ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୩।୪(ଡି.ଏନ.ଏ.)**

ଟାଙ୍ଗୀ ପୋଲିସ ମଙ୍ଗଳବାର ରାତିରେ ଡକାୟତି ଉଦ୍ୟମ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଥିବା ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ମିଳିଛି। ଉକ୍ତ ଅଭିଯୁକ୍ତମାନେ ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମର ଶେଖ ଅନୱାର, ଶେଖ ଗୁପ୍ରାନ ଓ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନିକଟସ୍ଥ ଆଠଗଡ ପାଟଣାର ହୁର୍ସିଦ ଆଲମ ବୋଲି ଜଣାପଡିଛି । ସେମାନଙ୍କଠାରୁ ଗୋଟିଏ ବିଦେଶୀ ବନ୍ଧୁକ, ଗୋଟିଏ ଭୁଜାଲି, ଗୋଟିଏ କଟୁରି, ୨ ରାଉଣ୍ଡ ଗୁଳି, ୨ ବାଇକ୍ ଓ ୨ଟି ମୋବାଇଲ ଜବତ କରାଯାଇଥିବା ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟ ପ୍ରକାଶ କରିଛନ୍ତି। ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ପାଟ୍ରୋଲିଂ ସମୟରେ କୁହୁଡି ଜନତା କଲେଜ ପରିସରସ୍ଥ କାଜୁ ଜଙ୍ଗଲରେ କେତେଜଣ ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିବା ଖବର ମିଳିଥିଲା। ପଚରାଉଚରାବେଳେ କୁହୁଡି ଛକ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପେଟ୍ରୋଲ ପମ୍ପରେ ସେମାନେ ଡକାୟତି ଯୋଜନା କରୁଥିବା ବୟାନ ଦେଇଥିଲେ।

# ଚିନ୍ତାମଣିଶ୍ୱରଜୀଉଙ୍କ ଏକୋଇଶିଆ ଉତ୍ସବ

**ଗଣିଆ,୩।୪(ଡି.ଏନ.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ କୁମ୍ଭିରଖଣୀ ଗ୍ରାମସ୍ଥିତ ଶ୍ରୀଶ୍ରୀ ଚିନ୍ତାମଣିଶ୍ୱରଜୀଉଙ୍କ ଏକୋଇଶିଆ ଉତ୍ସବ ଗତ ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି । ଠାକୁରଙ୍କ ଏକୋଇଶିଆ ଉତ୍ସବ ଦେଖିବାକୁ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କୁଳପୁରୋହିତ ଓ ମନ୍ଦିର ପୂଜକ ଶ୍ରୀ ଶ୍ରୀ ଚିନ୍ତାମଣିଶ୍ୱରଜୀଉଙ୍କ ଏକୋଇଶିଆ ଉତ୍ସବ ବିଧିବିଧାନ ଅନୁଯାୟୀ ପାଳନ କରିବା ସହ ଠାକୁରଙ୍କ ନାମକରଣ କରିଥିଲେ । ଏହି ଅବସରରେ ମନ୍ଦିର ପରିସରରେ ଗ୍ରାମବାସୀଙ୍କ ତରଫରୁ ନାମସଙ୍କୀର୍ତ୍ତନ, ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ, କୁମ୍ଭିରଖଣୀ ଗ୍ରାମବାସୀଙ୍କ ଉଦ୍ୟମରେ ଉକ୍ତ ମନ୍ଦିର ନିର୍ମାଣ କରାଯାଇ ଗତ ମାର୍ଚ୍ଚ ମାସ ୧୩ତାରିଖରେ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ପାଳନ କରାଯାଇଥିଲା । ମଙ୍ଗଳବାର ୨୧ଦିନ ହେଉଥିବାରୁ ଶ୍ରୀଜୀଉଙ୍କ ଏକୋଇଶିଆ ଉତ୍ସବ ପାଳନ କରାଯାଇଥିଲା।



ମନ୍ଦିରରେ ପ୍ରଭୁ ଚିନ୍ତାମଣିଶ୍ୱର।

# ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ

**ନୟାଗଡ଼ ଅଫିସ,୩।୪**

ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି ଓଡିଶା ଆନୁକୂଲ୍ୟରେ ଖୋର୍ଦ୍ଧା ବିଭାଗ ଓ ନୟାଗଡ ସଂକୁଳର ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ଏସ୍.ଟି. ରହମାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଚାର୍ଯ୍ୟ ପାଇଁ ପ୍ରଶିକ୍ଷଣର ଆବଶ୍ୟକତା ତଥା ଶିକ୍ଷା ଓ ସେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଟାମାଟିସ୍ଥିତ ବଂଶୀଧର ମହାବିଦ୍ୟାଳୟର ଅଧକ୍ଷ ସୁକାନ୍ତ ରଣସିଂହ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାମାୟଣର ବିଭିନ୍ନ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ଶିବିରରେ ୨୫୦ଜଣ ଆଚାର୍ଯ୍ୟାଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ। ବିଶାରଦମାନେ ସେମାନଙ୍କୁ ଆଧୁନିକ ପ୍ରଣାଳୀରେ ଶିକ୍ଷାଦାନର କୌଶଳ ଓ ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରାନ୍ତ ପରୀକ୍ଷା ସଂଯୋଜକ ଅଶ୍ୱିନୀ କୁମାର ନାୟକ ଓ ଖୋର୍ଦ୍ଧା ବିଭାଗ ନିରୀକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଏହାକୁ ସଂଯୋଜନା କରିଥିଲେ। ସଂକୁଳ ସଂଯୋଜକ ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ ପରିଚାଳନା ସମିତି କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଆଚାର୍ଯ୍ୟାଆଚାର୍ଯ୍ୟ।

## ୬ବର୍ଷ ବିତିଲା,କାର୍ଯ୍ୟକାରୀ ହେଲାନି ଲକ୍ଷ୍ମୀପ୍ରସାଦ ଜଳ ଯୋଗାଣ ପ୍ରକଳ୍ପ

# ଗ୍ରାମବାସୀଙ୍କୁ ମିଳୁନି ବିଶୁଦ୍ଧ ପାନୀୟଜଳ

**ଖଣ୍ଡପଡ଼ା,୩।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଧାନଚେଙ୍ଗଡ଼ା ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମବାସୀ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଏଠାରେ ନିର୍ମାଣ ହୋଇଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ପାନୀୟ ଉପଯୋଗୀ ପାଣି ନ ମିଳିବାରୁ ଦୀର୍ଘ ୬ବର୍ଷ ତଳେ ଉକ୍ତ ପ୍ରକଳ୍ପକୁ ବନ୍ଦ କରି ଦିଆଯାଇଛି। ୨ବର୍ଷ ତଳେ ନୂତନ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହେବାରୁ ଲୋକେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି।

ପ୍ରକାଶ ଯେ, ଦୀର୍ଘ ୧୧ବର୍ଷ ତଳେ କମେଇ ନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ନିକଟରେ ଏକ ବୋର୍‌ୱେଲ ନିର୍ମାଣ କରାଯାଇ ଭୂତଳ ଜଳକୁ ୩.୫ ଅଶ୍ୱ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ଚାଳିତ ମୋଟର ପମ୍ପ ସାହାଯ୍ୟରେ ଲକ୍ଷ୍ମୀପ୍ରସାଦ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରାଯାଇଥିଲା । ଏହି ପ୍ରକଳ୍ପ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ପରିଚାଳିତ ହୋଇ ଆସୁଥିଲା । ପ୍ରକଳ୍ପଠାରୁ ପ୍ରାୟ ଏକ କିଲୋମିଟର ଦୂର ଉକ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଇବା ପାଇଁ ଭୂମି ତଳେ ତଳେ ପାଇପ ବିଛାଯାଇ ଜଳ ଯୋଗାଣ କରାଯାଇଥିଲେ ମଧ ଉକ୍ତ ଜଳ ପାନୀୟ ଉପଯୋଗୀ ହୋଇ ନ ଥିବାରୁ ଏହାକୁ ବ୍ୟବହାରକରି ଅଧିକାଂଶ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିଲେ । ବିଶେଷକରି ଗ୍ରାମର ଅଧିକାଂଶ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି ଏବଂ ୧୦ରୁ ୧୫ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ଗ୍ରାମବାସୀ ଏବଂ ଧାନଚେଙ୍ଗଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଚନ୍ଦ୍ରମଣି ପ୍ରଧାନ ସୂଚନା ଦେଇଛନ୍ତି । ଏହି ଅଭିଯୋଗ ପରେ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ୫ବର୍ଷ ପରେ ଉକ୍ତ ପ୍ରକଳ୍ପକୁ ବନ୍ଦ କରି ଦିଆଯାଇଥିଲା । ଇତିମଧ୍ୟରେ ୬ବର୍ଷ ବିତିଗଲାଣି। ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରି ନାହିଁ। ଅନ୍ୟପକ୍ଷେ ଗ୍ରାମବାସୀଙ୍କ ବହୁ ଦାବି ପରେ ଗତ ୨ ବର୍ଷ ତଳେ ସ୍ଥାନୀୟ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ପ୍ରଚେଷ୍ଟା କ୍ରମେ ୬୯ ଲକ୍ଷ ଟଙ୍କା ବ୍ୟୟରେ ଭୋଗଡ଼ା ଓ ଲକ୍ଷ୍ମୀପ୍ରସାଦ ପାନୀୟ ଜଳ ପ୍ରକଳ୍ପ ନାମରେ କମେଇ ନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ନିକଟରେ ଏକ ନୂତନ ଇନ୍‌ଟେକ ୱେଲ ନିର୍ମାଣ କରାଯାଇଛି। ଉକ୍ତ ଦୁଇଟି ଗ୍ରାମକୁ ପାଇପ ବିଛାଯାଇଛି। ମାତ୍ର କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇଥିଲେ ମଧ ମୋଟର ଏବଂ ପାଣି ଟ୍ୟାପ୍ ସଂଯୋଗ କରାଯାଇ ନ ଥିବାରୁ ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ।

ସୂଚନାଯୋଗ୍ୟ ଯେ, ଧାନଚେଙ୍ଗଡ଼ା ପଞ୍ଚାୟତର ୧,୨ ଓ ୩ ନମ୍ବର ୱାର୍ଡର ୧୨ଶହ ଲୋକଙ୍କୁ ନେଇ ଲକ୍ଷ୍ମୀପ୍ରସାଦ ଗ୍ରାମ ଗଠିତ । ଉକ୍ତ ଗ୍ରାମରେ ୧୦ ନଳ କୂପ ରହିଥିଲେ ମଧ ଏହି ଜଳ ପାନୀୟ ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ୨ଟି କୂପ ଥିଲେ ମଧ ସେଗୁଡିକ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ। ଏଣୁ ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ପିଇବା ପାଣି ମୁନ୍ଦେ ପାଇଁ ୩କିଲୋମିଟର ଦୂର ଧାନଚେଙ୍ଗଡ଼ା ଗ୍ରାମକୁ ଯାଇ ପାଣି ସଂଗ୍ରହ କରୁଥିବା ପରିଲକ୍ଷିତ ହେଉଛି । ମହିଳାମାନେ ମଧ ଏତେ ଦୂର ଚାଲି ଚାଲି ଯିବା କଷ୍ଟକର ହୋଇଥିବାରୁ ପାଣି ପାଇଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ନୟାଗଡ଼ ଜିଲା ଗ୍ରାମ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ରାଜୀବ କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରେ ଏହି ପ୍ରକଳ୍ପ ପାଇଁ ବିଦ୍ୟୁତ୍ ସଂଯୋଗ ହୋଇ ନାହିଁ, ଏ ଦିଗରେ ବିହିତ ପଦକ୍ଷେପ ନେବେ ବୋଲି ସେ କହିଥିଲେ।



କାର୍ଯ୍ୟକ୍ଷମ ହୋଇ ନ ଥିବା ଜଳ ପ୍ରକଳ୍ପ।